ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୨୫ ସେପ୍ଟେମ୍ବର, ୨୦୧୮



କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ହେଉଛନ୍ତି ଦିଗହରା ନେତା । ତାଙ୍କ ଦଳ କ୍ଷମତାକୁ ଆସିବାର ସମ୍ଭାବନା ନ ଥିବାରୁ ସେ ଭାଜପା ନେତୃତ୍ୱାଧୀନ ସରକାର ବିରୋଧରେ ଅପପ୍ରଚାର କରୁଛନ୍ତି ।

- ପ୍ରକାଶ ଜାଭଡେକର, କେନ୍ଦ୍ରମନ୍ତ୍ରୀ



## ସଂକ୍ଷେପରେ

### ୫ ଆତଙ୍କବାଦୀ ନିହତ, ଜଣେ ଯବାନ ଶହୀଦ



ଶ୍ରୀନଗର,୨୪ା୯(ପି.ଟି.)- ଜମ୍ମୁ-କଶ୍ମୀରର କୁପ୍‌ୱାଡ଼ା ସଂଲଗ୍ନ ନିୟନ୍ତ୍ରଣ ରେଖା (ଏଲ୍‌ଓସି)ରେ ଅନୁପ୍ରବେଶ ଉଦ୍ୟମ ପଣ୍ଡ ହୋଇଛି। ଅନୁପ୍ରବେଶକାରୀଙ୍କୁ ରୋକିବା ଲାଗି ସୋମବାର ହୋଇଥିବା ଘମାଘୋଟ ଗୁଳିମାଡ଼ରେ ୩ ଆତଙ୍କବାଦୀ ନିହତ ହେବା ସହ ଜଣେ ଯବାନ ଶହୀଦ ହୋଇଛନ୍ତି। ରବିବାର ଏଠାରେ ୨ ଆତଙ୍କବାଦୀଙ୍କୁ ଦମନ କରାଯାଇଥିଲା। ଏଥିସହିତ ନିହତ ଆତଙ୍କବାଦୀଙ୍କ ସଂଖ୍ୟା ୫ ଛୁଇଁଛି। ସେହିପରି ରାଜ୍ୟର ସୋପୋର୍‌ରେ ଜଣେ ୪୫ ବର୍ଷୀୟ ବ୍ୟକ୍ତିଙ୍କୁ ଆତଙ୍କବାଦୀମାନେ ଅପହରଣ କରିନେଇ ହତ୍ୟା କରିଛନ୍ତି। ସୋମବାର ଏକ ଫଳବଗିଚାରୁ ତାଙ୍କ ମୃତଦେହ ଉଦ୍ଧାର କରାଯାଇଛି।

### ସିକ୍କିମ୍‌ର ପ୍ରଥମ ବିମାନବନ୍ଦର

ପାକ୍ୟୋଙ୍ଗ୍,୨୪ା୯(ପି.ଟି.)-ସିକ୍କିମ୍‌ର ପାକ୍ୟୋଙ୍ଗ୍ ସହରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ରାଜ୍ୟର ପ୍ରଥମ ବିମାନବନ୍ଦର ଉଦ୍‌ଘାଟନ କରିଛନ୍ତି। ଏହା ସହ ଦେଶକୁ ମିଳିଛି ନିଜର ୧୦୦ତମ ବିମାନବନ୍ଦର। ପ୍ରାଥମିକ ଭାବେ କୋଲ୍‌କାତା ଏବଂ ଗୁଆହାଟୀକୁ ଏଠାରୁ ବିମାନ ଉଡ଼ିବ। ପରବର୍ତ୍ତୀ ସମୟରେ ଦେଶର ଅନ୍ୟାନ୍ୟ ପ୍ରାନ୍ତକୁ ଯୋଗାଯୋଗ ସମ୍ଭବ ହେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଭାରତର ବିକାଶ ଗାଥାରେ ଉତ୍ତର-ପୂର୍ବାଞ୍ଚଳକୁ ଇଞ୍ଜିନ କରିବା ନେଇ ତାଙ୍କ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ଏହି ଅବସରରେ ପ୍ରଧାନମନ୍ତ୍ରୀ କହିଛନ୍ତି। ତେବେ ଚାଇନା ସୀମାନ୍ତରେ ଏହି ବିମାନବନ୍ଦର ଭାରତର ରଣନୈତିକ ଦୃଷ୍ଟିକୋଣରୁ ବେଶ୍ ଗୁରୁତ୍ୱ ବହନ କରୁଛି।

### ଦୁଇ ଅସୁସ୍ଥ ମନ୍ତ୍ରୀଙ୍କୁ ବିଦାକଲେ ପାରିକର

ପଣଜୀ,୨୪ା୯(ପି.ଟି.)-ଗୋଆ ମନ୍ତ୍ରିମଣ୍ଡଳରେ ସୋମବାର ଛୋଟ ଧରଣର ସମ୍ପ୍ରସାରଣ ହୋଇଛି। ମୁଖ୍ୟମନ୍ତ୍ରୀ ମନୋହର ପାରିକର ଦୁଇ ଅସୁସ୍ଥ ମନ୍ତ୍ରୀ ଫ୍ରାନ୍ସିସ୍ ଡି'ସୁଜା ଏବଂ ପାଣ୍ଡୁରାଙ୍ଗ ମାଡ୍‌କାଇକର୍‌ଙ୍କୁ କ୍ୟାବିନେଟ୍‌ରୁ ବାଦ୍ ଦେଇ ଦୁଇ ନୂଆ ମୁହଁକୁ ସାମିଲ କରିଛନ୍ତି। ଦୁଇ ନୂଆ ମନ୍ତ୍ରୀ ହେଲେ ନୀଲେଶ୍ ଚାବ୍‌ରାଲ୍ ଏବଂ ମିଳିନ୍ଦ ନାଏକ। ରାଜଭବନରେ ସୋମବାର ଦୁଇ ମନ୍ତ୍ରୀ ପଦ ଓ ଗୋପନୀୟତାର ଶପଥପାଠ କରିଥିଲେ। ଶପଥପାଠ ବେଳେ ପାରିକର ଉପସ୍ଥିତ ନ ଥିଲେ। ଅସୁସ୍ଥତା କାରଣରୁ ମୁଖ୍ୟମନ୍ତ୍ରୀ ବର୍ତ୍ତମାନ ଦିଲ୍ଲୀ ଏମ୍ସରେ ଚିକିତ୍ସିତ ହେଉଛନ୍ତି।

### ସୀମାରେ ପାକ୍‌ର ମୁକାବିଲା ପାଇଁ ଏଫ୍‌ଏମ୍

ନୂଆଦିଲ୍ଲୀ,୨୪ା୯(ପି.ଟି.)- ରେଡିଓ ପ୍ରସାରଣ ଜରିଆରେ ସୀମାନ୍ତବର୍ତ୍ତୀ ଅଞ୍ଚଳରେ ପାକିସ୍ତାନ ଭାରତ ବିରୋଧୀ ପ୍ରଚାର ଚଳାଇଥିବା ଅଭିଯୋଗ ହୋଇଥାଏ। ଏହାର ମୁକାବିଲା ପାଇଁ ଅଲ୍ ଇଣ୍ଡିଆ ରେଡିଓ ରବିବାର ସୀମାନ୍ତରେ ଏଫ୍‌ଏମ୍ ରେଡିଓ ପ୍ରସାରଣ ସେବା ଆରମ୍ଭ କରିଛି। ପଞ୍ଜାବର ଅମୃତସରରେ ଅନ୍ତର୍ଜାତୀୟ ସୀମାରେଖା ନିକଟରେ ଆକାଶବାଣୀର ଏହି କେନ୍ଦ୍ର ପ୍ରତିଷ୍ଠା କରାଯାଇଛି। ରେଡିଓ ସିଗ୍ନାଲ୍ ପାକିସ୍ତାନ ଭୂଖଣ୍ଡର ୫୦ କିଲୋମିଟର ଭିତରକୁ ପହଞ୍ଚିବ।

# ମାଳଦ୍ୱୀପରେ କ୍ଷମତା ପରିବର୍ତ୍ତନ

- ସୋଲିଙ୍କ ମସ୍ତକରେ ରାଷ୍ଟ୍ରପତି ମୁକୁଟ
- ପରାଜୟ ସ୍ୱୀକାର କଲେ ଗୟୁମ୍
- ରାଜନୈତିକ ସଙ୍କଟ ଆଶଙ୍କା

ମାଲି,୨୪ା୯(ପି.ଟି.)

ଦ୍ୱୀପରାଷ୍ଟ୍ର ମାଳଦ୍ୱୀପରେ କ୍ଷମତା ପରିବର୍ତ୍ତନ ସହ ରାଜନୈତିକ ସଙ୍କଟର ଆଶଙ୍କା ପ୍ରକାଶ ପାଇଛି। ରବିବାର ଦେଶରେ ଅନୁଷ୍ଠିତ ରାଷ୍ଟ୍ରପତି ନିର୍ବାଚନର ଫଳାଫଳ ସୋମବାର ପ୍ରକାଶ ପାଇବା ପରେ ଶାସକ 'ପ୍ରୋଗ୍ରେସିଭ୍ ପାର୍ଟି ଅଫ୍ ମାଲଦ୍ୱୀପ' (ପିପିଏମ୍)କୁ ଝଟକା ଲାଗିଛି। ଦଳ ପରାଜିତ ହେବା ସହ ପଦ ଛାଡ଼ିବାକୁ ଯାଉଛନ୍ତି ରାଷ୍ଟ୍ରପତି ୟାମିନ୍ ଅବ୍‌ଦୁଲ ଗୟୁମ୍। ବିରୋଧୀ 'ମାଲ୍‌ଡେଭିଏନ୍ ଡେମୋକ୍ରାଟିକ୍ ପାର୍ଟି' (ଏମ୍‌ଡିପି) ପ୍ରାର୍ଥୀ ଇବ୍ରାହିମ୍ ମହମ୍ମଦ ସୋଲିଙ୍କ ମସ୍ତକରେ ରାଷ୍ଟ୍ରପତି ମୁକୁଟ ସଜାଇବାକୁ ବାଛିଛନ୍ତି ମାଳଦ୍ୱୀପବାସୀ। ସେପଟେ ନିଜର ପରାଜୟ ସ୍ୱୀକାର କରିଛନ୍ତି ଦେଶର ପ୍ରଭାବଶାଳୀ ନେତା ଅବ୍‌ଦୁଲ ଗୟୁମ୍। କିନ୍ତୁ ତାଙ୍କ ବିରୋଧରେ ଉଠୁଥିବା ସ୍ୱରକୁ ଗୟୁମ୍ ପୂର୍ବରୁ ଯେଉଁଭଳି ଦମନ କରିଆସିଛନ୍ତି ପୁଣିଥରେ ସେ ସେଭଳି କିଛି ପଦକ୍ଷେପ ନେଇପାରନ୍ତି ବୋଲି ଆଶଙ୍କା ସୃଷ୍ଟି କରାଯାଉଛି। କାରଣ ନିର୍ବାଚନରେ ହେର୍‌ଫେର୍ ନେଇ ପୂର୍ବରୁ ସେ ଅଭିଯୋଗ ଆଣି ସାରିଛନ୍ତି। ଏଭଳି ସ୍ଥିତିରେ ଦେଶରେ ରାଜନୈତିକ ସଙ୍କଟ ଦେଖା ଦେଇପାରେ ବୋଲି ଭୟ କରାଯାଉଛି।





ବିଜୟ ଉତ୍ସବ ମନାଉଛନ୍ତି ଇବ୍ରାହିମ୍ ମହମ୍ମଦ ସୋଲି। ୟାମିନ୍ ଅବ୍‌ଦୁଲ ଗୟୁମ୍।

ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପରେ ସୋଲିଙ୍କ ସମର୍ଥକମାନେ ରାଜରାସ୍ତାକୁ ଓହ୍ଲାଇ ଉତ୍ସବ ମନାଇଥିଲେ। ୫୬ ବର୍ଷୀୟ ସୋଲି ହେଉଛନ୍ତି ଜଣେ ଗଣତନ୍ତ୍ର ଅଧିକାର କର୍ମୀ। ଦେଶରେ ଦୀର୍ଘ ଏକ ଦଶନ୍ଧି ଧରି ଏକଚ୍ଛତ୍ରବାଦ ଶାସନ ବିରୋଧରେ ସେ ସଂଗ୍ରାମ ଚଳାଇଥିଲେ। ଗୟୁମ୍ କ୍ଷମତାକୁ ଆସିବା ପରେ ତାଙ୍କର ପୂର୍ବସୂରୀ ମହମ୍ମଦ ନଶିଦ୍‌ଙ୍କ ସମେତ ଏମ୍‌ଡିପିର ବହୁ ଶୀର୍ଷସ୍ତରୀୟ ନେତାଙ୍କୁ ଦୁର୍ନୀତି ମାମଲାରେ ଛନ୍ଦି ଜେଲରେ ପୂରାଇ ଦେଇଥିଲେ କିମ୍ବା ଦେଶରୁ ବାହାର କରି ଦେଇଥିଲେ। ଏହାପରେ ଦଳ ସୋଲିଙ୍କୁ ପ୍ରାର୍ଥୀ କରିଥିଲା। ଶ୍ରୀଲଙ୍କାରେ ନିର୍ବାସନ ଦଣ୍ଡ ଭୋଗୁଥିବା ନଶିଦ୍‌ଙ୍କୁ ପ୍ରାର୍ଥୀ କରାଯାଇପାରେ ବୋଲି ପୂର୍ବରୁ ଆଶା କରାଯାଉଥିଲା। କିନ୍ତୁ ଦୀର୍ଘମିଆଦୀ ଜେଲ ଦଣ୍ଡାଦେଶ ଯୋଗୁ ସେ ନିର୍ବାଚନ ଲଢ଼ିବାରେ ଅଯୋଗ୍ୟ ଘୋଷିତ ହୋଇଛନ୍ତି। ନଶିଦଙ୍କ ସମେତ ବିରୋଧୀ ଦଳର ୯ ଜଣ ଶୀର୍ଷସ୍ତରର ନେତାଙ୍କ ଦଣ୍ଡାଦେଶ ରଦ୍ଦ କରିବା ସହ ସେମାନଙ୍କୁ ତୁରନ୍ତ ଖଲାସ କରିବା ପାଇଁ ଚଳିତ ଫେବୃୟାରୀରେ ଦେଶର ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏହାକୁ ଗୟୁମ୍ ଅସ୍ୱୀକାର କରି ଦେଶରେ ଜରୁରୀ ପରିସ୍ଥିତି ଘୋଷଣା କରିଥିଲେ ଏବଂ ଦୁଇ ବିଚାରପତିଙ୍କୁ ଗିରଫ କରାଇଥିଲେ। ଏହାପରେ ଅଦାଲତି ରାୟ ପରିବର୍ତ୍ତନ ହୋଇଥିଲା ଏବଂ ଦେଶରେ ଅସ୍ଥିରତା ଦେଖା ଦେଇଥିଲା।

ବିସ୍ତୀର୍ଣ୍ଣ ଧଳା ସମୁଦ୍ର କୂଳ ଏବଂ ବିଳାସପୂର୍ଣ୍ଣ ହୋଟେଲ୍ ପାଇଁ ଖ୍ୟାତ ମାଳଦ୍ୱୀପ ଅର୍ଥନୈତିକ ଅଭିବୃଦ୍ଧିର ସ୍ୱାଦ ଚାଖିଛି ସତ, କିନ୍ତୁ ଗୟୁମ୍‌ଙ୍କ ନେତୃତ୍ୱ ଦେଶରେ ଗଣତାନ୍ତ୍ରିକ ସ୍ୱାଧୀନତା ସଙ୍କୁଚିତ କରି ଦେଇଥିଲା। ଗଣତନ୍ତ୍ର ସମର୍ଥକ ସୋଲି ଦ୍ୱାର ଦ୍ୱାର ବୁଲି ଲୋକଙ୍କ ନିକଟତର ହୋଇ ମାନବାଧିକାର ସୁରକ୍ଷା ଲାଗି ଆହ୍ୱାନ ଦେଇଥିଲେ। ଗୟୁମ୍‌ଙ୍କ ଗଣତନ୍ତ୍ର ବିରୋଧୀ ନୀତି ବିରୋଧରେ ଲୋକଙ୍କ ବିଶ୍ୱାସଭାଜନ ହେବାକୁ ଚେଷ୍ଟା କରିଥିଲେ। ଏହାର ଫଳ ଆଜି ତାଙ୍କୁ ମିଳିଥିବା ରାଜନୈତିକ ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି।

## ଭାରତ ପାଇଁ ଶୁଭ ବାର୍ତ୍ତା

ନୂଆଦିଲ୍ଲୀ,୨୪ା୯-ଭାରତ ମହାସାଗରରେ ଅବସ୍ଥିତ ଦ୍ୱୀପରାଷ୍ଟ୍ର ମାଳଦ୍ୱୀପ ଭାରତର ରଣନୈତିକ ଦୃଷ୍ଟିକୋଣରୁ ବେଶ୍ ଗୁରୁତ୍ୱ ବହନ କରିଥାଏ। କିନ୍ତୁ ସେଠାରେ ଚାଇନାର ବଢୁଥିବା ପ୍ରଭାବ ଏବଂ ବେଜିଂ ପ୍ରତି ରାଷ୍ଟ୍ରପତି ୟାମିନ୍ ଅବ୍‌ଦୁଲ ଗୟୁମ୍ ଢଳିବା ନୂଆଦିଲ୍ଲୀର ଚିନ୍ତା ବଢ଼ାଇବାରେ ଲାଗିଥିଲା। ପୂର୍ବତନ ରାଷ୍ଟ୍ରପତି ମହମ୍ମଦ ନଶିଦ୍ ଏବଂ ତାଙ୍କ ଦଳ ଏମ୍‌ଡିପି ଭାରତ ପ୍ରତି ସଦା ବନ୍ଧୁତାକୁ ପ୍ରାଧାନ୍ୟ ଦେଇଆସିଛି। ଏବେ ଏମ୍‌ଡିପି ଶାସନ ଗାଦିକୁ ଫେରିବା ଭାରତ ପାଇଁ ଶୁଭ ସଙ୍କେତ କୁହାଯାଇପାରେ। ଅନ୍ୟପକ୍ଷେ ଚାଇନା ମଧ୍ୟ ଏହାକୁ ବଡ଼ ଝଟକା ଭାବେ ଦେଖାଯାଇପାରେ।

ମାଳଦ୍ୱୀପ ଭାରତ, ଚାଇନା ଏବଂ ଜାପାନକୁ ନିରବଚ୍ଛିନ୍ନ ଶକ୍ତି ଯୋଗାଣ କରୁଥିବା ପ୍ରମୁଖ ଶିପିଂ ଲେନ୍‌ର ନିକଟରେ ଅବସ୍ଥିତ। ଭାରତ ମହାସାଗର କ୍ଷେତ୍ରରେ 'ନେଟ୍ ସିକ୍ୟୁରିଟି ପ୍ରୋଭାଇଡର୍' ପାଇଁ ଭାରତକୁ ମାଳଦ୍ୱୀପର ସାମରିକ ସୁରକ୍ଷାର ଆବଶ୍ୟକତା ପଡ଼ିଥାଏ। ଏହାଛଡ଼ା ଦିନକୁ ଦିନ ଚାଇନା ମାଳଦ୍ୱୀପରେ ନିଜର ଅର୍ଥନୈତିକ ପ୍ରଭାବ ବୃଦ୍ଧି କରିବାରେ ଲାଗିଛି। ଜଳଦସ୍ୟୁ ଦମନ ଅଭିଯାନ ନାମରେ ଏହି ଅଞ୍ଚଳରେ ୧୦ ବର୍ଷ ପୂର୍ବରୁ ଚାଇନା ନିଜର ନୌସେନା ଜାହାଜ ମୁତୟନ କରିଛି। ନିଜର ବୈଦେଶିକ ସହଯୋଗରୁ ୭୦% କେବଳ ଚାଇନାରୁ ପାଇଥାଏ। ନଶିଦ୍‌ଙ୍କ ଏମ୍‌ଡିପି ଭଳି ବିରୋଧୀଙ୍କୁ ସମର୍ଥନ କରୁଥିବା ଅନେକ ମାଳଦ୍ୱୀପ ନାଗରିକ ଗୟୁମ୍‌ଙ୍କ ବିରୋଧରେ ଭାରତ କାର୍ଯ୍ୟାନୁଷ୍ଠାନ ନେଉ ବୋଲି ଦାବି କରନ୍ତି। ଉରି ଆକ୍ରମଣ ପରେ ପାକିସ୍ତାନରେ ସାର୍କ ସମ୍ମିଳନୀକୁ ଭାରତ ବର୍ଜନ କରିବା ପରେ ଗାୟୁମ ନେତୃତ୍ୱାଧୀନ ମାଳଦ୍ୱୀପ ହିଁ ପ୍ରଥମେ ଆପତ୍ତି କରିଥିଲା। ଭାରତ ଏବଂ ମାଳଦ୍ୱୀପ ଇତିହାସ, ଭାଷା, ସଂସ୍କୃତି, ଧର୍ମ ଏବଂ ବ୍ୟବସାୟିକ ଦୃଷ୍ଟିକୋଣରୁ ପରସ୍ପର ସହ ଯୋଡ଼ା। ବର୍ତ୍ତମାନ ସେଠାରେ ପ୍ରାୟ ୨୫୦୦୦ ଭାରତୀୟ ବସବାସ କରନ୍ତି। ଶିକ୍ଷା, ଡାକ୍ତରୀ ଚିକିତ୍ସା, ବ୍ୟବସାୟ ଆଦି କ୍ଷେତ୍ରରେ ଭାରତ ପାଇଁ ମାଳଦ୍ୱୀପର ଭୂମିକା ସ୍ୱତନ୍ତ୍ର। ଦେଶ ସ୍ୱାଧୀନ ହେବା ପରେ ଭାରତ ହିଁ ପ୍ରଥମେ ଏହାକୁ ରାଷ୍ଟ୍ରର ମାନ୍ୟତା ଦେଇଥିଲା।

# ଉତ୍ତର ଭାରତରେ ବର୍ଷା ବିପ୍ଳାତ

- ହିମାଚଳ ପ୍ରଦେଶରେ ୮ ମୃତ
- ଜମ୍ମୁ-କଶ୍ମୀରରେ କାନ୍ଥ ଭୁଶୁଡ଼ି ୫ ମୃତ
- ପଞ୍ଜାବରେ ରେଡ୍ ଆଲର୍ଟ ଜାରି

ଶିମ୍‌ଲା, ୨୪ା୯(ପି.ଟି.)

ଉତ୍ତର ଭାରତର ହିମାଚଳପ୍ରଦେଶ, ପଞ୍ଜାବ, ହରିୟାଣା, ଜମ୍ମୁ-କଶ୍ମୀର ଏବଂ ଉତ୍ତରାଖଣ୍ଡରେ ବର୍ଷା ବିପ୍ଳାତ ସୃଷ୍ଟି ହୋଇଛି। ହିମାଚଳପ୍ରଦେଶରେ ଲଗାଣ ବର୍ଷା ଯୋଗୁ ସୃଷ୍ଟ ବନ୍ୟାପାଣିରେ ଭାସିଯାଇ ସୋମବାର ସୁଦ୍ଧା ୮ ଜଣଙ୍କ ମୃତ୍ୟୁ ହୋଇଛି। ସ୍କୁଲ ଛାତ୍ରୀଛାତ୍ରଙ୍କ ସମେତ ଶହଶହ ଲୋକ ବିଭିନ୍ନ ଅଞ୍ଚଳରେ ଫସି ରହିଛନ୍ତି। ତିନିଦିନ ପ୍ରବଳ ବର୍ଷା ହେବାରୁ ଅନେକ ସ୍ଥାନରେ ଭୂସ୍ଖଳନ ହେବା ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଜମ୍ମୁ-କଶ୍ମୀରର ଦୋଦା ଜିଲାରେ ଭୂସ୍ଖଳନ ଯୋଗୁ ଏକ ମାଟିଘରର କାନ୍ଥ ଭୁଶୁଡ଼ି ଗୋଟିଏ ପରିବାରର ୫ ଜଣଙ୍କ ପ୍ରାଣହାନି ଘଟିଛି। ଅନ୍ୟପଟେ ପଞ୍ଜାବରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିବାରୁ ସତର୍କ ସୂଚନା ଦିଆଯାଇଛି। ମଙ୍ଗଳବାର ରାଜ୍ୟର ସ୍କୁଲ ଓ କଲେଜଗୁଡ଼ିକ ବନ୍ଦ ରହିବ ବୋଲି ଘୋଷଣା କରାଯାଇଛି। ରେଡ୍ ଆଲର୍ଟ ଜାରି ହେବା ପରେ ସେନା ସଜାଗ ରହିଛି।

ପ୍ରବଳ ବର୍ଷା ଲାଗି ରହିବା କାରଣରୁ ହିମାଚଳ ପ୍ରଦେଶରେ ଜୀବନଯାତ୍ରା ବେଶ୍ ପ୍ରଭାବିତ ହୋଇଛି। ରବିବାର ରାତିରେ ମନାଲି ନିକଟସ୍ଥ ବେଆସ୍ ନଦୀରେ ଏକ ଗାଡ଼ି ଭାସିଯିବା ଫଳରେ ୩ ଜଣଙ୍କ ମୃତ୍ୟୁ ହୋଇଥିଲା। ମଣିକରନ୍ ଉପତ୍ୟକା ଦେଇ ବହିଯାଇଥିବା ପାର୍ବତୀ ନଦୀଜଳରେ ୨ ଜଣ ଭାସିଯାଇଥିବାବେଳେ ବଜୌରାରେ ଜଣେ ଝିଅର ମୃତ୍ୟୁ ହୋଇଛି। ଚାମ୍ବା ଜିଲାରେ ୧୦୦୦ ସ୍କୁଲ ଛାତ୍ରୀଛାତ୍ରଙ୍କୁ ଉଦ୍ଧାର କରି ସୁରକ୍ଷିତ ସ୍ଥାନକୁ ପଠାଇଦିଆଯାଇଛି। ଗତ ଦୁଇଦିନ ମଧ୍ୟରେ ଭାରତୀୟ ବାୟୁସେନା (ଆଇଏଏଫ୍) ବିଭିନ୍ନ ଜାଗାରେ ୨୧ ଜଣଙ୍କୁ ଉଦ୍ଧାର କରିଛି। ରାସ୍ତାଘାଟ ଧୋଇଯିବା ସହ ଭୂସ୍ଖଳନ ହେବା ଯୋଗୁ ଚଣ୍ଡିଗଡ଼-ମନାଲି ହାଇୱେ ଏବଂ ପଠାନ୍‌କୋଟ-ଚାମ୍ବା ରାଜପଥରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ପ୍ରାୟ ୧୨୬ ରୋଡ୍ ଭାଙ୍ଗିଯିବା ଯୋଗୁ ସାଧାରଣ ପରିବହନ ବାଧାପ୍ରାପ୍ତ ହୋଇଛି ବୋଲି ଭାଜପା ଏମ୍‌ପି ଅନୁରାଗ ଠାକୁର କହିଛନ୍ତି। ପର୍ଯ୍ୟଟନ ନଗରୀ ଡେଲ୍‌ହାଉସୀରେ ସର୍ବାଧିକ ୧୮୦ ମି.ମି. ବର୍ଷା ରେକର୍ଡ କରାଯାଇଛି। ସେପଟେ ବର୍ଷା ମଧ୍ୟ ପଞ୍ଜାବବାସୀଙ୍କୁ ବେହାଲ୍ କରିଛି। ବେଆସ୍ ନଦୀର ଜଳସ୍ତର ବିପଦସଙ୍କେତ ଉପରେ ରହିଥିବାରୁ ପୋଙ୍ଗ୍ ଡ୍ୟାମ୍‌ରୁ ଅତିରିକ୍ତ ଜଳ ନିଷ୍କାସନ ହେବ ବୋଲି ଭାକ୍ରା ବେଆସ୍ ପରିଚାଳନା ବୋର୍ଡ ପକ୍ଷରୁ ପଞ୍ଜାବ ସରକାରଙ୍କୁ ସୂଚନା ଦିଆଯାଇଛି। ଏହାପରେ ବିପର୍ଯ୍ୟୟର ମୁକାବିଲା ଲାଗି ସଜାଗ ରହିବାକୁ ପଞ୍ଜାବ ମୁଖ୍ୟମନ୍ତ୍ରୀ ସେନାକୁ କହିଛନ୍ତି।



ଉତ୍ତରାଖଣ୍ଡର ଡେରାଡୁନ୍ ସମେତ ବିଭିନ୍ନ ସ୍ଥାନରେ ମୁଷଳ ଧାରାରେ ବର୍ଷା ହେବା ଯୋଗୁ 'ଚାର୍‌ଧାମ' ଯାତ୍ରା ପ୍ରଭାବିତ ହୋଇଛି। ଗ୍ରାମାଞ୍ଚଳକୁ ସଂଯୋଗ କରୁଥିବା ପ୍ରାୟ ୪୫ଟି ରାସ୍ତା ଭାଙ୍ଗିଯିବା କାରଣରୁ ଯାତାୟାତ ହୋଇପାରୁ ନାହିଁ। ରାଜସ୍ଥାନରେ ମଧ୍ୟ ରବିବାରରୁ ପ୍ରବଳ ବର୍ଷା ହେଉଛି। ଅରୁଣାଚଳପ୍ରଦେଶ, ଆସାମ, ମେଘାଳୟ, ଉତ୍ତରପ୍ରଦେଶର ପଶ୍ଚିମଭାଗ, ଉତ୍ତରାଖଣ୍ଡ, ହରିୟାଣା, ଚଣ୍ଡିଗଡ଼, ଦିଲ୍ଲୀ ଏବଂ ହିମାଚଳପ୍ରଦେଶରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ସମ୍ଭାବନା ରହିଛି ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି।

- ରାଫାଲ୍ ଦୁର୍ନୀତି: ଥମୁନି ବାକ୍‌ଯୁଦ୍ଧ

# ସିଭିସିଙ୍କୁ ଭେଟିଲା କଂଗ୍ରେସ ଟିମ୍

ନୂଆଦିଲ୍ଲୀ,୨୪ା୯(ପି.ଟି.)

ରାଫାଲ୍ ଚୁକ୍ତି ଦୁର୍ନୀତିକୁ ନେଇ କଂଗ୍ରେସର ଏକ ପ୍ରତିନିଧି ଦଳ ସୋମବାର କେନ୍ଦ୍ରୀୟ ଭିଜିଲାନ୍ସ କମିଶନର୍ (ସିଭିସି)ଙ୍କୁ ସାକ୍ଷାତ୍ କରିଛି। ସିଭିସି କେ.ଭି. ଚୌଧୁରୀଙ୍କୁ ସାକ୍ଷାତ୍‌କରି ପ୍ରତିନିଧି ଦଳ ଏ ସଂକ୍ରାନ୍ତରେ ଏକ ଦାବିପତ୍ର ଉପସ୍ଥାପନ କରିଛି। ଦୁର୍ନୀତି ଘଟଣାରେ ମାମଲା ଦାଏର କରିବା ଲାଗି ଦାବି କରିଛି। ଚୁକ୍ତି ବେଳେ ସରକାର ମହାଦୁର୍ନୀତି ଘଟାଇ ଦେଶର ରାଜସ୍ୱ ହାନି ଘଟାଇଛନ୍ତି। ନିଜର କେତେଜଣ ବ୍ୟବସାୟୀ ବନ୍ଧୁଙ୍କୁ ଲାଭାନ୍ୱିତ କରିବା ଲାଗି ଶାସକ ଦଳର ନେତାମାନେ ସରକାରୀ ବିମାନ ନିର୍ମାଣକାରୀ କମ୍ପାନୀ ହିନ୍ଦୁସ୍ତାନ ଏରୋନଟିକ୍ସ ଲିମିଟେଡ୍‌ରୁ ଚୁକ୍ତି ଛଡ଼ାଇ ନେଇଛନ୍ତି। ଏଭଳି କରି ସରକାର ଦେଶର ସୁରକ୍ଷାକୁ ବିପଦକୁ ଠେଲି ଦେଇଛନ୍ତି ବୋଲି କଂଗ୍ରେସ ଅଭିଯୋଗ ପତ୍ରରେ ଦର୍ଶାଇଛି। ପ୍ରତିନିଧି ଦଳରେ ଥିଲେ ଗୁଲାମ ନବୀ ଆଜାଦ, ଅହମଦ ପଟେଲ, ଆନନ୍ଦ ଶର୍ମା, କପିଲ ସିବଲ, ରଣଦୀପ ସୁର୍ଜେୱାଲା, ଜୟରାମ ରମେଶ, ଅଭିଷେକ ମନୁ ସିଂଘ୍‌ଭୀ, ମନୀଷ ତିୱାରୀ, ବିବେକ ତନ୍‌ଖା, ପ୍ରମୋଦ ତିୱାରୀ, ପ୍ରଣବ ଝା ପ୍ରମୁଖ।

ଦଳ ରାଫାଲ୍ ବିମାନକୁ ବିରୋଧ କରୁନାହିଁ, ଦୁର୍ନୀତିକୁ ବିରୋଧ କରୁଛି। ଏହା ଶତାବ୍ଦୀର ସର୍ବବୃହତ୍ ଦୁର୍ନୀତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଚୁକ୍ତି ପରିବର୍ତ୍ତନ କରିବା ବେଳେ ସୁରକ୍ଷା ସମ୍ପର୍କିତ କ୍ୟାବିନେଟ୍ କମିଟିକୁ ମଧ୍ୟ ଅବଗତ କରି ନ ଥିଲେ। ନିଜ ବ୍ୟବସାୟୀ ବନ୍ଧୁଙ୍କ ସ୍ୱାର୍ଥ ପାଇଁ କାହାକୁ କିଛି ନ ଜଣାଇ ଚୁପ୍‌ଚାପ ବିମାନର ଦାମ ୩୦୦% ବଢ଼ାଇ ଦେଇଥିଲେ ବୋଲି କଂଗ୍ରେସ ନେତା ଆନନ୍ଦ ଶର୍ମା କହିଛନ୍ତି। ଏଥିଲାଗି ଦେଶର ରାଜସ୍ୱର ୪୧,୦୦୦ କୋଟି ଟଙ୍କା ହାନି କରିଛନ୍ତି ବୋଲି ଶର୍ମା କହିଛନ୍ତି।

ସୋମବାର ପୁଣିଥରେ ରାଫାଲ୍ ଚୁକ୍ତିକୁ ନେଇ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ପ୍ରଧାନମନ୍ତ୍ରୀଙ୍କୁ ଟାର୍ଗେଟ୍ କରିଛନ୍ତି। ଦେଶର ଚୌକିଦାର ଗରିବ ଲୋକଙ୍କ ପକେଟ୍‌ରୁ ଟଙ୍କା ଲୁଟି ଶିଳ୍ପପତି ଅନିଲ ଅମ୍ବାନୀଙ୍କ ପକେଟରେ ପୂରାଇଛନ୍ତି। ବିମାନ ଦର ବିଷୟରେ ମୋଦି ସ୍ପଷ୍ଟ ତଥ୍ୟ ରଖନ୍ତୁ ବୋଲି ରାହୁଲ କହିଛନ୍ତି।

## ଶାସ୍ତ୍ରୀଜୀଙ୍କ ମୃତ୍ୟୁ ସଂକ୍ରାନ୍ତ ଫାଇଲ ହେବ ସାର୍ବଜନୀନ

### ନିଷ୍ପତ୍ତି ନେବେ ପ୍ରଧାନମନ୍ତ୍ରୀ, ସ୍ୱରାଷ୍ଟ୍ରମନ୍ତ୍ରୀ



ନୂଆଦିଲ୍ଲୀ,୨୪ା୯(ପି.ଟି.)

ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲବାହାଦୁର ଶାସ୍ତ୍ରୀଙ୍କ ମୃତ୍ୟୁର କାରଣ ଏବେ ମଧ୍ୟ ରହସ୍ୟ ହୋଇରହିଛି। ସତ୍ୟାସତ୍ୟ ଅନୁସନ୍ଧାନ କରି ଉନ୍ମୋଚନ କରିବାକୁ ଦାବି ହେଉଛି। ଶାସ୍ତ୍ରୀଜୀଙ୍କ ମୃତ୍ୟୁ ଘଟଣା ସଂକ୍ରାନ୍ତ ସମସ୍ତ ରିପୋର୍ଟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ସ୍ୱରାଷ୍ଟ୍ରମନ୍ତ୍ରୀ ରାଜନାଥ ସିଂଙ୍କ ନିକଟରେ ଦାଖଲ କରାଯାଉ। କାହିଁକିନା ଏ ଫାଇଲଗୁଡ଼ିକ ସାର୍ବଜନୀନ ହେବ କି ନାହିଁ, ସେମାନେ ନିଷ୍ପତ୍ତି ନେବା ଉଚିତ ବୋଲି ସୋମବାର ମୁଖ୍ୟ ସୂଚନା କମିଶନ (ସିଆଇସି) କହିଛନ୍ତି। ଏନେଇ ପିଏମ୍‌ଓ, ବହିର୍ବ୍ୟାପାର ମନ୍ତ୍ରଣାଳୟ, ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର କେନ୍ଦ୍ରୀୟ ସୂଚନା ଅଧିକାରୀଙ୍କୁ ନିର୍ଦ୍ଦେଶନାମା ଜାରି ହୋଇଛି।

# ବନ୍ଧୁ ମୋଦିଙ୍କୁ ମନେପକାଇଲେ ଟ୍ରମ୍ପ୍

ନ୍ୟୁୟର୍କ,୨୪ା୯(ପି.ଟି.)-"ମୁଁ ଭାରତକୁ ଭଲପାଏ। ମୋ ବନ୍ଧୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସାଦର ସମ୍ମାନ ଜଣାଇଦେବ।" ବହିର୍ବ୍ୟାପାର ମନ୍ତ୍ରୀ ସୁଷମା ସ୍ୱରାଜଙ୍କୁ ସାକ୍ଷାତ୍ କରିବା ପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପାଟିରୁ ଏଭଳି କିଛି ଶବ୍ଦ ଶୁଣିବାକୁ ମିଳିଛି। ମିଳିତ ଜାତିସଂଘରେ ଆମେରିକା ଦ୍ୱାରା ଆୟୋଜିତ ନିଶା-ନିରୋଧୀ ଉଚ୍ଚସ୍ତରୀୟ ବୈଠକ ଉପରାନ୍ତେ ସୁଷମାଙ୍କୁ ଭେଟି ଟ୍ରମ୍ପ୍ ଏଭଳି କହିଛନ୍ତି। ୭୩ତମ ଜାତିସଂଘ ଜେନେରାଲ ଆସେମ୍ବ୍ଲିର ଉଚ୍ଚସ୍ତରୀୟ ବୈଠକ ସୋମବାରଠାରୁ ଆରମ୍ଭ ହୋଇଯାଇଥିବାବେଳେ ଏଥିରେ ଯୋଗଦେବା ପାଇଁ ସୁଷମା ଆମେରିକା ଗସ୍ତ କରିଛନ୍ତି। ସୁଷମା ଉକ୍ତ ସଭାରେ ଯୋଗଦେବା ସହ ଅନେକ ବିଶ୍ୱ ନେତୃବୃନ୍ଦଙ୍କ ସହ ପୃଥକ୍ ଭାବେ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି।

ଜାତିସଂଘରେ ସୋମବାର ଦକ୍ଷିଣ ଆଫ୍ରିକାର ପୂର୍ବତନ ରାଷ୍ଟ୍ରପତି ତଥା ମହାନ୍ ବର୍ଣ୍ଣବିଦ୍ୱେଷ ନିରୋଧୀ ନେତା ନେଲ୍‌ସନ୍ ମଣ୍ଡେଲାଙ୍କ ପ୍ରତିମୂର୍ତ୍ତି ଅନାବରଣ କରାଯାଇଛି। ବିଶ୍ୱରେ ଶାନ୍ତି, ସ୍ଥିରତା, ମାନବାଧିକାର ଏବଂ ପାରସ୍ପରିକ ସହଯୋଗ ଲାଗି ମଣ୍ଡେଲାଙ୍କ ଲିଗାସୀ ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ଏହି ଲକ୍ଷ୍ୟ ବହୁ ଦୂରରେ ରହିଛି ବୋଲି ବିଶ୍ୱ ନେତୃବୃନ୍ଦ ଏକ ସ୍ୱରରେ କହିଛନ୍ତି।

# ଉଦ୍ଧାର ହେଲେ ନୌସେନା ଅଧିକାରୀ ଅଭିଳାଷ

ନୂଆଦିଲ୍ଲୀ,୨୪ା୯(ପି.ଟି.)

ନୌସେନା ଅଧିକାରୀ ଅଭିଳାଷ ଟୋମିଙ୍କୁ ସୋମବାର ସକାଳେ ଫ୍ରାନ୍ସର ଓରିସିସ୍ ଜାହାଜ ଉଦ୍ଧାର କରିଛି। ଗୁରୁତର ଅବସ୍ଥାରେ ତାଙ୍କୁ ୩ଦିନ ପରେ ଉଦ୍ଧାର କରାଯାଇ ଚିକିତ୍ସା ଆରମ୍ଭ ହୋଇଛି। ଏନେଇ ପ୍ରତିରକ୍ଷା ମନ୍ତ୍ରୀ ନିର୍ମଳା ସୀଥାରାମନ୍ ଖୁସି ବ୍ୟକ୍ତ କରିଛନ୍ତି। ଅଭିଳାଷଙ୍କ ଉଦ୍ଧାର କାର୍ଯ୍ୟରେ ଭାରତୀୟ ନୌସେନା ଏବଂ ଅଷ୍ଟ୍ରେଲିଆର ପ୍ରତିରକ୍ଷା ବିଭାଗ ମିଳିତ ଭାବରେ କାର୍ଯ୍ୟ କରିଥିଲେ। ଭାରତର ଆଇଏନ୍‌ଏସ୍ ସତପୁରା, ଚେତକ ହେଲିକପ୍ଟର ଏବଂ ଆଇଏନ୍‌ଏସ୍ ଜ୍ୟୋତି, ଅଷ୍ଟ୍ରେଲିଆ ନୌସେନାର ଏକ ଯୁଦ୍ଧ ଜାହାଜ ଏବଂ ଫ୍ରାନ୍ସର ଓରିସିସ୍ ଜାହାଜ ନିୟୋଜିତ ଥିଲେ।



ଗୋଲ୍ଡେନ୍ ଗ୍ଲୋବ୍ ରେସ୍ ୨୦୧୮'ରେ ଭାଗ ନେଇ ବିଶ୍ୱ ଭ୍ରମଣରେ ଯାଇଥିଲେ ଭାରତୀୟ ନୌସେନାର ଆଗଧାଡ଼ିର ନାବିକ ଅଭିଳାଷ । ରେସ୍ ପାଇଁ କେବଳ ଏକ ବୋଟ୍ ଦ୍ୱାରା ସମୁଦ୍ର ମଧ୍ୟରେ ୪୮,୨୮୦ କି.ମି ବିଶ୍ୱ ଭ୍ରମଣ କରାଯାଇଥାଏ। ଏହି ପ୍ରତିଯୋଗିତା ଜୁଲାଇ ୧ରେ ଫ୍ରାନ୍ସରେ ଆରମ୍ଭ ହୋଇଥିଲା। ଏଥିରେ ୧୮ଜଣ ନାବିକ ଅଂଶଗ୍ରହଣ କରିଥିଲେ। ଶୁକ୍ରବାର ତାଙ୍କ ବୋଟ୍ ଦକ୍ଷିଣ ଭାରତ ମହାସାଗରରେ ଭୟଙ୍କର ସାମୁଦ୍ରିକ ଝଡ଼ର ସମ୍ମୁଖୀନ ହୋଇଥିଲା। ଏହି ସମୟରେ ତାଙ୍କର ବୋଟ୍ କ୍ଷତିଗ୍ରସ୍ତ ହେବା ସହ ପିଠିରେ ଆଘାତ ଲାଗିଥିଲା। ଶନିବାର ଫ୍ରାନ୍ସରେ ଥିବା ପ୍ରତିଯୋଗିତା ଆୟୋଜନକାରୀଙ୍କ ସହ କମାଣ୍ଡର ଟୋମିଙ୍କ ଯୋଗାଯୋଗ ହୋଇପାରିଥିଲା। ଫ୍ରାନ୍ସ ଓ ଭାରତ ନୌସେନା ପକ୍ଷରୁ ତାଙ୍କର ଉଦ୍ଧାର କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଶନିବାର ଭାରତୀୟ ବାୟୁସେନାର ପି୮ଆଇ ଯୁଦ୍ଧବିମାନ ତାଙ୍କୁ ଅଷ୍ଟ୍ରେଲିଆର ପର୍ଥ ସହର ଠାରୁ ୩ ହଜାର କିମି ଦୂରରେ ଠାବ କରିଥିଲା। ଏହି ପ୍ରତିଯୋଗିତାରେ ସେ ତୃତୀୟ ସ୍ଥାନରେ ରହିଛନ୍ତି।



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

ରାଜ୍ୟ-ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର କେତେକ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି।

ସ୍ଥାନୀୟ ଅଞ୍ଚଳ- ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘାଚ୍ଛନ୍ନ ରହିବ। ମଙ୍ଗଳବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୩ ଡିଗ୍ରୀ ଏବଂ ସର୍ବନିମ୍ନ ୨୪ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ସୋମବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୪.୮ | ୨୪.୬ |
| ଚାନ୍ଦବାଲି | ୩୪.୯ | ୨୫.୫ |
| କଟକ | ୩୪.୦ | ୨୩.୦ |
| ପାରାଦ୍ୱୀପ | ୩୨.୫ | ୨୭.୫ |
| ଭୁବନେଶ୍ୱର | ୩୪.୦ | ୨୪.୯ |
| ଗୋପାଳପୁର | ୩୩.୦ | ୨୬.୦ |
| ପୁରୀ | ୩୪.୦ | ୨୬.୮ |
| ଅନୁଗୋଳ | ୩୪.୧ | ୨୨.୬ |
| ବାରିପଦା | ୩୪.୪ | ୨୫.୫ |
| ଝାରସୁଗୁଡ଼ା | ୩୪.୦ | ୨୪.୮ |
| କେନ୍ଦୁଝର | ୩୩.୧ | ୨୨.୪ |
| ସମ୍ବଲପୁର | ୩୪.୯ | ୨୫.୧ |
| ସୁନ୍ଦରଗଡ଼ | ୩୨.୫ | ୨୨.୦ |
| ହୀରାକୁଦ | ୩୪.୭ | ୨୫.୦ |
| ତାଳଚେର | ୩୪.୨ | ୨୪.୭ |
| ଭବାନୀପାଟଣା | --- | ୨୪.୦ |
| ବଲାଙ୍ଗୀର | ୩୪.୫ | ୨୪.୫ |
| କୋରାପୁଟ | ୩୦.୨ | ୨୧.୦ |
| ଫୁଲବାଣୀ | ୩୩.୮ | ୧୯.୫ |
| ଟିଟିଲାଗଡ଼ | ୩୫.୦ | ୨୨.୦ |
| ମାଲକାନଗିରି | ୩୨.୪ | --- |
| ସୋନପୁର | ୩୪.୮ | ୨୨.୬ |
| ଦାରିଙ୍ଗିବାଡ଼ି | ୨୯.୫ | ୧୯.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

# ୧୦ ଲକ୍ଷ ଲୋକରେ ୧୯ ବିଚାରପତି

## ଆଇନ ମନ୍ତ୍ରଣାଳୟର ଡାଟା



ନୂଆଦିଲ୍ଲୀ, ୨୪ା୯(ପି.ଟି.)

ଦେଶର ନ୍ୟାୟିକ ପ୍ରକ୍ରିୟାରେ ବିଳମ୍ବ ଘଟିବା କିଛି ନୂଆ କଥା ନୁହେଁ। କୋର୍ଟଗୁଡ଼ିକରେ ଲକ୍ଷ ଲକ୍ଷ ମାମଲା ବିଚାରାଧୀନ ଅବସ୍ଥାରେ ପଡ଼ିରହୁଛି। ଏହା ପଛରେ ବିଭିନ୍ନ କାରଣ ଦାୟୀ। ତେବେ ବିଚାରପତିଙ୍କ ସଂଖ୍ୟା କମ୍ ରହିବା ଏକ ପ୍ରମୁଖ କାରଣ। ଦେଶରେ ହାରାହାରି ୧୦ ଲକ୍ଷ ଲୋକଙ୍କ ପିଛା ୧୯ ବିଚାରପତି କାର୍ଯ୍ୟରତ ଅଛନ୍ତି ବୋଲି ଆଇନ ମନ୍ତ୍ରଣାଳୟର ଏକ ରିପୋର୍ଟରୁ ଜଣାପଡ଼ିଛି। ବିଭିନ୍ନ କୋର୍ଟରେ ୬,୦୦୦ ବିଚାରପତି ପଦବୀ ଖାଲି ରହିଛି। କେବଳ ତଳକୋର୍ଟଗୁଡ଼ିକରେ ୫୦୦୦ ବିଚାରପତି ଆବଶ୍ୟକ ବୋଲି ସେଥିରେ ଦର୍ଶାଯାଇଛି।

ପାର୍ଲାମେଣ୍ଟରେ ଆଲୋଚନା ପାଇଁ ଚଳିତବର୍ଷ ମାର୍ଚ୍ଚରେ ଉକ୍ତ ଡାଟା ପ୍ରସ୍ତୁତ ହୋଇଥିଲା। ବିଚାରପତି ଓ ଜନସଂଖ୍ୟାକୁ ଆନୁପାତିକ ଦୃଷ୍ଟିରୁ ଦେଖିବାକୁ ଗଲେ ଏକ ନିୟୁତ ଲୋକରେ ୧୯.୪୯ ବିଚାରପତି ଅଛନ୍ତି। ସେହିପରି ତଳକୋର୍ଟଗୁଡ଼ିକରେ ୫୬୭୪୮ ଜୁଡିସିଆଲ ଅଫିସର ପଦବୀ ଖାଲିଥିବାବେଳେ ୨୪ ହାଇକୋର୍ଟରେ ୪୦୬ ପଦବୀ ଖାଲିପଡ଼ିଛି। ମୋଟାମୋଟି ନିମ୍ନ ନ୍ୟାୟପାଳିକାରେ ୨୨,୪୭୪ ବିଚାରପତି ନିଯୁକ୍ତ ହେବେ ବୋଲି ଅନୁମୋଦନ ମିଳିଥିବାବେଳେ ୧୬,୭୨୬ କାର୍ଯ୍ୟରତ ଅଛନ୍ତି। ସେହିପରି ହାଇକୋର୍ଟଗୁଡ଼ିକରେ ଅନୁମୋଦିତ ବିଚାରପତି ସଂଖ୍ୟା ୧୦୭୯ ଥିବାବେଳେ ୬୭୩ ଜଣ ନିଯୁକ୍ତ ହୋଇଛନ୍ତି। ସେହିପରି ସୁପ୍ରିମକୋର୍ଟରେ ୩୧ ଜଣ ବିଚାରପତି ନିଯୁକ୍ତି ଲାଗି ମଞ୍ଜୁରୀ ମିଳିଥିଲେ ସୁଦ୍ଧା ଆଉ ୬ ପଦବୀ ଖାଲିପଡ଼ିଛି। ଏସବୁକୁ ମିଶାଇ ସୁପ୍ରିମକୋର୍ଟ, ହାଇକୋର୍ଟ ଏବଂ ତଳକୋର୍ଟରେ ୬,୧୬୦ ବିଚାରପତି ନିଯୁକ୍ତ ହେବା ଆବଶ୍ୟକ।

୨୦୧୬ ଏପ୍ରିଲରେ ତତ୍କାଳୀନ ପ୍ରଧାନ ବିଚାରପତି ଟି.ଏସ୍. ଠାକୁର ବିଚାରପତି ପଦବୀ ଖାଲିପଡ଼ିବା ପ୍ରସଙ୍ଗକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆଗରେ ଦୃଢ଼ ଭାବେ ଉପସ୍ଥାପନ କରିଥିଲେ। ଏହାପରେ ଆରମ୍ଭ ହୋଇଯାଇଥିଲା ବିତର୍କ। ସରକାର ସମସ୍ତ ବୋଝ ନ୍ୟାୟପାଳିକା ଉପରେ ଲଦିଦେବା ଅନୁଚିତ ବୋଲି ସେ କହିଥିଲେ। ଠାକୁର ଆହୁରି କହିଥିଲେ, ୧୯୮୭ଠାରୁ ଏ ପର୍ଯ୍ୟନ୍ତ ସ୍ଥିତିରେ କୌଣସି ପରିବର୍ତ୍ତନ ଆସିନାହିଁ। ସେତେବେଳେ ପ୍ରତି ୧୦ ଲକ୍ଷ ଲୋକରେ ୫୦ ବିଚାରପତି ନିଯୁକ୍ତ କରିବାକୁ ସୁପାରିସ କରାଯାଇଥିଲା। କିନ୍ତୁ ସରକାର ଏନେଇ ସଫେଇ ଦେଇଥିଲେ। ଭୌଗୋଳିକ ଦୃଷ୍ଟିରୁ ଦେଖିବାକୁ ଗଲେ କେଉଁ ଅଞ୍ଚଳରେ ଅଧିକ ମାମଲା ଦାଏର ହେଉଛି, ଆଉ କେଉଁଠି କମ୍। ତେଣୁ ଦୀର୍ଘବର୍ଷ ପୂର୍ବର ସୁପାରିସ କାର୍ଯ୍ୟକାରୀ ହୋଇପାରୁ ନାହିଁ। ନିକଟରେ କେନ୍ଦ୍ର ଆଇନମନ୍ତ୍ରୀ ରବିଶଙ୍କର ପ୍ରସାଦ ୨୪ ହାଇକୋର୍ଟରେ ମୁଖ୍ୟ ବିଚାରପତିଙ୍କୁ ଜୁଡିସିଆଲ ଅଫିସରଙ୍କ ନିଯୁକ୍ତି ତୁରନ୍ତ ଚୂଡ଼ାନ୍ତ କରିବାକୁ କହିଥିଲେ।



ମନୁଷ୍ୟକୁ କେବଳ ତିନୋଟି ଉପାଧି ଦିଆଯାଇପାରେ - ଶହୀଦ, ବୀର ଓ ସନ୍ଥ । ଏହା ବ୍ୟତୀତ ଆଉ ଯେତେ ଉପାଧି ସେଗୁଡିକ କିଛି ନୁହେଁ।
- ୱିଲିୟମ ଇ-ଗ୍ଲାଡ୍‌ଷ୍ଟୋନ୍



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଜାତୀୟ ଓପନ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ର ପ୍ରଥମ ଦିବସ, କଳିଙ୍ଗ ଷ୍ଟାଡିୟମ୍, ସକାଳ ୭ଟାରୁ ଆରମ୍ଭ।
- ୨୦ତମ ବାର୍ଷିକ ଭାଗବତ ପାଠ ଉଦ୍‌ଯାପନ ଅବସରରେ ଭାଗବତ ଜନ୍ମ, ଶ୍ରୀପାଦୁକା ମନ୍ଦିର ପରିସର, ଶ୍ରୀରାମ ନଗର, ଚକେଇସିହାଣୀ, ସକାଳ ୮ଟାରୁ ଆରମ୍ଭ। ଭଜନ ସନ୍ଧ୍ୟା, ରାତି ୭ଟା।
- ଉତ୍କଳ ସିଏସ୍‌ଆର୍ ସମ୍ମିଳନୀ ଓ ଆୱାର୍ଡସ୍-୨୦୧୮, ସୂଚନା ଭବନ, ସକାଳ ୯ଟା।
- ୧୦ମ କଟନଫାବ୍-୨୦୧୮, ଗେଟ୍ ନଂ. ୩, ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୩, ପୂର୍ବାହ୍ନ ୧୦ଟା ୩୦ରୁ ରାତି ୯ଟା।
- ଉତ୍କଳ ମେଲର ବାର୍ଷିକ ଉତ୍ସବ, ସୂଚନା ଭବନ, ପୂର୍ବାହ୍ନ ୧୦ଟା ୩୦।
- ନ୍ୟାଶନାଲ୍ ସିଲ୍କ ଏକ୍ସପୋ, ହୋଟେଲ ନ୍ୟୁ ମାରିୟନ, ପୂର୍ବାହ୍ନ ୧୧ଟାରୁ ରାତି ୯ଟା।
- ସିଲ୍‌କ ଫାବ୍ ପ୍ରଦର୍ଶନୀ, ହୋଟେଲ କଳିଙ୍ଗ ଅଶୋକ, ଗୌତମ ନଗର, ପୂର୍ବାହ୍ନ ୧୧ଟାରୁ ରାତି ୮ଟା।
- ଓଡ଼ିଶା ସେବା ନିବୃତ୍ତ କର୍ମଚାରୀ ଓ ଶିକ୍ଷକ ବିକାଶ ମଞ୍ଚର ସମ୍ମିଳନୀ, ରେଡ୍‌କ୍ରସ ଭବନ, ପୂର୍ବାହ୍ନ ୧୧ଟା।
- ସାନିଟାରୀ ନାପ୍‌କିନ ବ୍ୟବହାର ସମ୍ପର୍କରେ ମହିଳା ଓ ଯୁବତୀମାନଙ୍କ ଲାଗି ହେଲ୍‌ପମେଟ୍ ପକ୍ଷରୁ ସଚେତନତା ଅଭିଯାନ, ଅଲ୍ ଓଡ଼ିଶା ଅର୍ଥୋପେଡିକାଲି ହାଣ୍ଡିକାପ୍‌ଡ ୱେଲ୍‌ଫେୟାର ଆସୋସିଏଶନ ପରିସର, ପ୍ଲଟ୍ ନଂ. ୧୦୫/ବି, ପଳାଶପଲ୍ଲୀ, ୱାର୍ଡ ନଂ. ୫୨, ପୂର୍ବାହ୍ନ ୧୧ଟା ୩୦।
- ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ଲାପ୍‌ଟପ ବଣ୍ଟନ, ଏନ୍‌ସିଏସ୍‌ସିଡିଏ, ଗଣ୍ଡମୁଣ୍ଡା, ମଧୁସୂଦନ ଦାସ ପାର୍କ ସମ୍ମୁଖ, ଅପରାହ୍ନ ୪ଟା।

**କଟକ**

- ଉତ୍କଳ ସମ୍ମିଳନୀ, କଟକ ଜିଲା ପକ୍ଷରୁ ଅତିବଡ଼ୀ ଜଗନ୍ନାଥ ଦାସ ସ୍ମୃତିସନ୍ଧ୍ୟା, ରଘୁନାଥଜୀଉ ମନ୍ଦିର, ତେଲେଙ୍ଗାବଜାର, ଅପରାହ୍ନ ୫ଟା।
- ଶ୍ରୀଭାଗବତ ଜନ୍ମୋତ୍ସବ ଉଦ୍‌ଯାପନ, ମଦନମୋହନଜୀଉ ମନ୍ଦିର, ପୀଠାପୁର, ରାତି ୭ଟା।






ପୁରୀଠାରେ ସୋମବାର ଆରମ୍ଭ ହୋଇଥିବା ଦୁଇଦିନିଆ ଭାଜପା ମହିଳା ମୋର୍ଚ୍ଚାର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀରେ ଉପସ୍ଥିତ ଦଳୀୟ ନେତ୍ରୀ ଓ କର୍ମକର୍ତ୍ତା(ବାମ) । ସଭାମଞ୍ଚରେ ଅଛନ୍ତି ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ ଓ ଅନ୍ୟ ନେତୃବୃନ୍ଦ।

### ଶକ୍ତି କେନ୍ଦ୍ରସ୍ତରୀୟ ଭାଜପା ମହିଳା ମୋର୍ଚ୍ଚା ପ୍ରତିନିଧି ସଭା

# ବିଜେଡିକୁ ବଙ୍ଗୋପସାଗରରେ ପକାଅ

**ପୁରୀ ଅଫିସ, ୨୪।୯:** ଶରଧାବାଲିରେ ସୋମବାର ଆୟୋଜିତ ହୋଇଥିଲା ଶକ୍ତି କେନ୍ଦ୍ରସ୍ତରୀୟ ଭାଜପା ମହିଳା ମୋର୍ଚ୍ଚା ପ୍ରତିନିଧି ସଭା। ଏଥିରେ ପ୍ରାୟ ୭ ହଜାରରୁ ଊର୍ଦ୍ଧ୍ୱ ମହିଳାଙ୍କ ସମାଗମ ହୋଇଥିଲା। ସାଧାରଣ ନିର୍ବାଚନ ପାଖେଇ ଆସୁଥିବା ବେଳେ ଭାଜପା ମହିଳାଙ୍କୁ ଏକାଠି କରି ଫୁଙ୍କିଥିଲା ମନ୍ତ୍ର। ଏହି ସମାବେଶରେ କେନ୍ଦ୍ର ଓ ରାଜ୍ୟସ୍ତରୀୟ ନେତା ଦେଇଥିଲେ ପରିବର୍ତ୍ତନର ଆହ୍ୱାନ। ୧୮ ବର୍ଷ ଧରି କ୍ଷମତାରେ ଥିବା ନବୀନ ସରକାରଙ୍କୁ ଉପାଡି ବଙ୍ଗୋପସାଗରରେ ଫୋପାଡିଦେବା ପାଇଁ ଶ୍ରୀକ୍ଷେତ୍ର ମାଟିରୁ ସଂକଳ୍ପ ନେଇ ଯିବାକୁ ପରାମର୍ଶ ଦେଇଥିଲେ।



ଶରଧାବାଲିରେ ଆୟୋଜିତ ଶକ୍ତି କେନ୍ଦ୍ରସ୍ତରୀୟ ଭାଜପା ମହିଳା ମୋର୍ଚ୍ଚା ପ୍ରତିନିଧି ସଭାରେ ଉତ୍ସାହିତ କର୍ମକର୍ତ୍ତା।

## ରାଜ୍ୟ ସରକାରଙ୍କୁ ଧର୍ମେନ୍ଦ୍ରଙ୍କ ସମାଲୋଚନା

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଥିଲେ, ଦୁଇଦିନ ତଳେ ପ୍ରଧାନମନ୍ତ୍ରୀ ଓଡ଼ିଶା ଆସି ଦେଶର ୫ କୋଟି ଭଉଣୀଙ୍କ ଘରେ ଉଜ୍ଜ୍ୱଳା ଗ୍ୟାସ୍ ପହଞ୍ଚିଛି ଏବଂ ଓଡ଼ିଶାରେ ୩୪ ଲକ୍ଷ ମା' ଭଉଣୀ ଏହାଦ୍ୱାରା ଉପକୃତ ହୋଇଛନ୍ତି ବୋଲି କହିବା ପରେ ଅସହିଷ୍ଣୁ ହୋଇପଡିଥିଲେ ନବୀନ ବାବୁ। ପ୍ରଧାନମନ୍ତ୍ରୀଙ୍କୁ ଥଟ୍ଟା କରିଥିଲେ ଏବଂ ଉଜ୍ଜ୍ୱଳା ଯୋଜନାର ଦୁର୍ନୀତି ସମ୍ପର୍କରେ ମୁଣ୍ଡ ଖେଳାଅ ବୋଲି କହିଥିଲେ। ହେଲେ ମୁଁ ନବୀନ ସରକାରଙ୍କୁ ଚ୍ୟାଲେଞ୍ଜ ଦେଇ କହୁଛି, ୩୪ ଲକ୍ଷ ଉଜ୍ଜ୍ୱଳା ଗ୍ୟାସ୍ ସଂଖ୍ୟା ୫୦ ଲକ୍ଷ ଛୁଇଁବ। ଯଦି ଏଥିରେ କିଛି ସନ୍ଦେହ ଅଛି, ତେବେ ଗ୍ୟାସ୍ ପାଇଥିବା ମହିଳାଙ୍କୁ ଏଥିରୁ ସୁବିଧା ମିଳୁଛି କି ନାହିଁ ପଚାରିବା ଚାଲନ୍ତୁ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଟାର୍ଗେଟ କରି କହିଥିଲେ ଧର୍ମେନ୍ଦ୍ର। କେନ୍ଦ୍ରମନ୍ତ୍ରୀ ପ୍ରଧାନ ଆହୁରି କହିଥିଲେ ଯେ, ଓଡ଼ିଶାର ଗରିବ ଲୋକଙ୍କ ପାଇଁ କେନ୍ଦ୍ର ୨୯ ଟଙ୍କାରେ ୧ କିଲୋ ଚାଉଳ ଦେଉଥିବା ବେଳେ ରାଜ୍ୟ ସରକାର ଏହାକୁ କଟକର ମେୟର, ଦଳୀୟ ନେତା ଓ କର୍ମୀଙ୍କୁ ବାଣ୍ଟୁଛନ୍ତି। ଏହି କଥାକୁ ପ୍ରତି ଘରେ ଘରେ ପହଞ୍ଚାଇବାକୁ ପଡିବ। ଆଉ ଏକ ଆଶ୍ଚର୍ଯ୍ୟକର କଥା ହେଉଛି, ଏକଦା ଓଡ଼ିଶାରେ ପୁରୁଷଙ୍କ ତୁଳନାରେ ମହିଳାଙ୍କ ସଂଖ୍ୟା ଅନ୍ୟ ରାଜ୍ୟ ଅପେକ୍ଷା ଭଲ ଥିଲା। ହେଲେ ବିଜେଡି ସରକାରରେ ଓଡ଼ିଶାରେ ମହିଳାଙ୍କ ସଂଖ୍ୟା ଅନ୍ୟ ରାଜ୍ୟ ତୁଳନାରେ କମିବା ଆରମ୍ଭ କରିଛି। ଓଡ଼ିଶାରେ ଶିଶୁଙ୍କ ଅବସ୍ଥା ସଙ୍ଗିନ ହୋଇପଡିଛି। ବାଙ୍ଗରା ଏବଂ କମ୍ ଓଜନର ପିଲା ଜନ୍ମ ନେଉଛନ୍ତି। ୧୫ରୁ ଅଧିକ ଜିଲାରେ ଏଭଳି ଭୟାନକ ଚିତ୍ର ଦେଖିବାକୁ ମିଳୁଛି। ଗର୍ଭବତୀ ମହିଳାଙ୍କୁ ଠିକ୍ ଭାବେ ପୋଷଣ ମିଳୁନାହିଁ। ରାସ୍ତାରେ, ଖଟିଆରେ, ପୋଲ ତଳେ ପ୍ରସବ କରିବା ଏକ ନିତିଦିନିଆ ଘଟଣା ହେଲାଣି। ତେଣୁ ଆମକୁ ନବୀନ ସରକାରକୁ ପରିବର୍ତ୍ତନ କରିବାକୁ ପଡିବ ବୋଲି ଆହ୍ୱାନ ଦେଇଥିଲେ ଧର୍ମେନ୍ଦ୍ର।

## ନାରୀଙ୍କୁ ଅସମ୍ମାନିତ କରିଛି ଭ୍ରଷ୍ଟାଚାରୀ ସରକାର

କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ୍ କହିଥିଲେ, ଅତିକମ୍‌ରେ ମହିଳାମାନଙ୍କୁ ସମ୍ମାନ ଦିଅନ୍ତୁ ନବୀନ ବାବୁ। ସମାବେଶକୁ ଆସିଥିବା ମହିଳାଙ୍କ ଗାଡି ନ ଛାଡିବା ଏବଂ ସେମାନେ ୭/୮ କିମି ଚାଲି ଚାଲି ଆସିବା ଦୁର୍ଭାଗ୍ୟଜନକ ଘଟଣା। ଆମେ ସରକାରରେ ନାହୁଁ ସିନା ହେଲେ ଆମେ ବି ସରକାର ଗଢିପାରିବୁ। ଆମ ହାତକୁ ବି ଶାସନ କ୍ଷମତା ଆସିବ। ତେଣୁ ନାରୀମାନଙ୍କୁ ଅସମ୍ମାନ କରୁଥିବା ଭ୍ରଷ୍ଟାଚାରୀ ନବୀନ ସରକାରଙ୍କୁ ପୁରୀ ସମୁଦ୍ରରେ ଫିଙ୍ଗି ଦେବାକୁ ସେ ଆହ୍ୱାନ ଦେଇଥିଲେ।

## ୯୨ ହଜାର କୋଟି ଋଣ ଭାରରେ ଓଡ଼ିଶା

ଭାଜପା ବିଧାୟକ ଦଳ ନେତା କନକ ବର୍ଦ୍ଧନ ସିଂଦେଓ କହିଥିଲେ, ଏ ରାଜ୍ୟ ସରକାରଙ୍କ ନୀତିଯାହା ଓଡ଼ିଶାର ଗରିବ ପିଲାଟିଏ ଆଉ ବାବୁ ହୋଇପାରିବ ନାହିଁ। ବଡ଼ ଚାକିରି ଖଣ୍ଡିଏ କରିପାରିବ ନାହିଁ। କାରଣ ରାଜ୍ୟ ସରକାର ସ୍କୁଲରେ ଶିକ୍ଷକ ନିଯୁକ୍ତି କରିପାରୁନାହାନ୍ତି। ତେଣୁ ଶିକ୍ଷାଦାନ କେମିତି ହେବ ବୋଲି ସେ ପ୍ରଶ୍ନ କରିଥିଲେ। ରାଜ୍ୟ ସରକାର ୯୨ ହଜାର କୋଟି ଟଙ୍କାର ଋଣଭାର ଓଡ଼ିଶାବାସୀଙ୍କ ମୁଣ୍ଡରେ ଲଦି ଦେଲେଣି। ଏହାକୁ ନେଇ କ୍ଷୋଭ ପ୍ରକାଶ କରିବା ସହ ପରିବର୍ତ୍ତନ ପାଇଁ ଆହ୍ୱାନ ଦେଇଥିଲେ କନକ ବର୍ଦ୍ଧନ। ସେହିପରି ଭାଜପା ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ପ୍ରଭାତି ପରିଡ଼ା, ମହିଳା ମୋର୍ଚ୍ଚା ରାଜ୍ୟ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର, ନେତ୍ରୀ ଅପରାଜିତା ମହାନ୍ତି, ଅନୁ ଚୌଧୁରୀ, ପିଙ୍କି ପ୍ରଧାନଙ୍କ ସମେତ ବରଗଡ଼ ଜିଲା ପରିଷଦ ଅଧ୍ୟକ୍ଷା ମୁକ୍ତା ସାହୁ, କଳାହାଣ୍ଡି ଜିଲା ପରିଷଦ ଅଧ୍ୟକ୍ଷା ନମିତାରାଣୀ ସାହୁ, ସବିତା ନନ୍ଦ, ଶୋଭନା ମହାନ୍ତି, ଗାୟତ୍ରୀ ଦାଶ, ସୁକେଶୀ ଓରାମ୍ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ।

## ଜାଗ୍ରତ ହେଲେଣି ମହିଳା

ଭାଜପା ମହିଳା ମୋର୍ଚ୍ଚା ରାଷ୍ଟ୍ରୀୟ ଅଧ୍ୟକ୍ଷା ବିଜୟା ରାହତ୍‌କର କହିଥିଲେ, କେନ୍ଦ୍ରର ମୋଦି ସରକାର ଦେଶର ମହିଳାମାନଙ୍କ ପାଇଁ ବହୁ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ବେଟି ବଚାଓ ବେଟି ପଢାଓ, ସ୍ୱଚ୍ଛ ଭାରତ ଯୋଜନା, ମୁଦ୍ରା ଯୋଜନା ସାଙ୍ଗକୁ ୫ କୋଟି ମହିଳାଙ୍କ ଆଖିରୁ ଲୁହ ପୋଛି ଦେଇଥିବା ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା ଗୋଟିଏ ଗୋଟିଏ ଉଦାହରଣ ମାତ୍ର। ହେଲେ ଦୁର୍ଭାଗ୍ୟର କଥା ଓଡ଼ିଶାରେ ନବୀନ ବାବୁଙ୍କ ସରକାର ମହିଳାଙ୍କ ବିରୋଧରେ କାମ କରୁଛି। ଏହା ଦମନକାରୀ, ଅତ୍ୟାଚାରୀ ଏବଂ ହିଂସା ସୃଷ୍ଟିକାରୀ ସରକାର। ମହିଳାଙ୍କୁ ସୁରକ୍ଷା ଦେବାରେ ସମ୍ପୂର୍ଣ୍ଣ ଅସମର୍ଥ ରହିଛନ୍ତି। ମାଲକାନଗିରିରେ ନାବାଳିକାଙ୍କ ଉପରେ ଅତ୍ୟାଚାର, କନ୍ଧମାଳ ଜିଲା ବାଲିଗୁଡ଼ାରେ ମହିଳାଙ୍କ ଉପରେ ଅତ୍ୟାଚାର ଗୋଟିଏ ଗୋଟିଏ ଉଦାହରଣ ମାତ୍ର। ଆମକୁ ଏକତ୍ର ହୋଇ ଏହା ବିରୋଧରେ ସ୍ୱର ଉଠାଇବାକୁ ହେବ। ମହିଳା ମୋର୍ଚ୍ଚା କାର୍ଯ୍ୟକର୍ତ୍ତାଙ୍କୁ ସମର୍ପିତ ହୋଇ କାର୍ଯ୍ୟ କରିବାକୁ ହେବ ବୋଲି ରାହତ୍‌କର କହିଥିଲେ। ଏହି ଅବସରରେ ରାହତ୍‌କର ମହିଳାମାନେ ଜାଗ୍ରତ ହେଲେଣି, ନବୀନ ବାବୁ ସିଂହାସନ ଖାଲିକର ବୋଲି ମୁଖ୍ୟମନ୍ତ୍ରୀଙ୍କୁ ଟାର୍ଗେଟ୍ କରି କହିଥିଲେ।

## ନୂଆ ଓଡ଼ିଶା ଗଠନ ଲକ୍ଷ୍ୟ ହେଉ

ରାଜ୍ୟ ସଭାପତି ବସନ୍ତ ପଣ୍ଡା କହିଥିଲେ, ଓଡ଼ିଶା ସରକାର ଦୁର୍ନୀତିରେ ବୁଡ଼ିଛନ୍ତି। ମା' ଭଉଣୀଙ୍କ ଇଜ୍ଜତ ସହ ଖେଳୁଛନ୍ତି। ଏ ସରକାର ତିଷ୍ଠି ରହିବାର ଆଉ ନୈତିକ ଅଧିକାର ନାହିଁ। ଏହି ପବିତ୍ର ମାଟିରୁ ମା' ଭଉଣୀମାନେ ସଂକଳ୍ପ ନେଇଯାନ୍ତୁ। ଏକ ନୂଆ ଓଡ଼ିଶା ଗଠନର ଲକ୍ଷ୍ୟ ନେଇ ପ୍ରତି ଘରେ ଘରେ ପହଞ୍ଚିବାକୁ ସେ ପରାମର୍ଶ ଦେଇଥିଲେ।



କଡ଼ା ସୁରକ୍ଷା ବଳୟରେ ଅମିତ ଶାହ ଯାଉଛନ୍ତି।



ପୁରୀରେ ପହଞ୍ଚିବା ପରେ ଅମିତ ଶାହଙ୍କୁ ଶୋଭାଯାତ୍ରାରେ ନିଆଯାଉଛି।

## ଭାଜପା ମହିଳା ମୋର୍ଚ୍ଚା ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ଉଦ୍‌ଘାଟିତ

**ପୁରୀ ଅଫିସ, ୨୪।୯**

ପୁରୀରେ ସୋମବାରଠାରୁ ଆରମ୍ଭ ହୋଇଛି ଦୁଇଦିନିଆ ଭାଜପା ମହିଳା ମୋର୍ଚ୍ଚା ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ। ହୋଟେଲ ଗୋଲ୍‌ଡେନ ପ୍ୟାଲେସରେ ଏହାକୁ ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ ଉଦ୍‌ଘାଟନ କରିଛନ୍ତି। ଏହି ସମ୍ମିଳନୀରେ ସମଗ୍ର ଦେଶରୁ ୨୧୦ କାର୍ଯ୍ୟକାରିଣୀ ସଦସ୍ୟ ଯୋଗଦେଇଛନ୍ତି। ମହିଳା ମୋର୍ଚ୍ଚାର ଆଗାମୀ କାର୍ଯ୍ୟପନ୍ଥା ନେଇ ଏଥିରେ ଆଲୋଚନା କରାଯାଇଛି। ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ମଙ୍ଗଳବାର ସନ୍ଧ୍ୟାରେ ଉଦ୍‌ଯାପିତ ହେବ। ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ମହିଳା ମୋର୍ଚ୍ଚା ରାଷ୍ଟ୍ରୀୟ ସଭାପତି ବିଜୟା ରାହାତ୍‌କର ଗଣମାଧ୍ୟମକୁ କାର୍ଯ୍ୟକାରିଣୀରେ ଶାହ ଦେଇଥିବା ଭାଷଣ ସମ୍ପର୍କରେ କହିଥିଲେ ଯେ, ବର୍ତ୍ତମାନ ୧୯ଟି ରାଜ୍ୟରେ ଭାଜପା ସରକାର ରହିଛି। ୧୫ ଜଣ ମୁଖ୍ୟମନ୍ତ୍ରୀ ରହିଛନ୍ତି। ୧୦ ଜଣ ସଦସ୍ୟ ନେଇ ଆରମ୍ଭ ହୋଇଥିବା ଭାଜପାରେ ଏବେ ୧୧ କୋଟି ସଦସ୍ୟ ଅଛନ୍ତି। ଭାଜପାକୁ କୌଣସି ଶକ୍ତି ହରାଇବା ଅସମ୍ଭବ। ୨୦୧୯ ନିର୍ବାଚନ ଭାଜପା ବିଚାରଧାରାକୁ ନେଇ ଲଢିବ। କିନ୍ତୁ ବିପକ୍ଷମାନେ ନିଜର ଅସ୍ତିତ୍ୱ ପାଇଁ ଲଢେଇ କରିବେ। ଏହି ଯେଉଁ ସମ୍ମିଳନୀ ହୋଇଛି ଏହା ବହୁତ ଭଲ ହୋଇଥିବାରୁ ଶାହ ଧନ୍ୟବାଦ ଦେଇଛନ୍ତି। ମହିଳା ସଂରକ୍ଷଣ ବିଲ୍ ପାରିତ କରାଇବା ପାଇଁ ଭାଜପାର ଆଭିମୁଖ୍ୟ ସମ୍ପର୍କରେ ସେ କହିଥିଲେ ଯେ, ଭାଜପା ମହିଳାଙ୍କ କଲ୍ୟାଣ ପାଇଁ ବିଭିନ୍ନ ଯୋଜନା ପ୍ରଣୟନ କରିଛି। ମହିଳା ସଂରକ୍ଷଣ ପ୍ରସ୍ତାବ ଭାଜପା ହିଁ ଉଠାଇଥିଲା। କିନ୍ତୁ ବିରୋଧ ଯୋଗୁ ତାହା ହୋଇପାରି ନ ଥିଲା। ବର୍ତ୍ତମାନ ଉଭୟ ସଦନରେ ବହୁମତ ନାହିଁ। କିନ୍ତୁ ଏଥିପ୍ରତି ଭାଜପା ସଚେତନ ରହିଛି। ଆଗାମୀ ନିର୍ବାଚନରେ ଅଧିକ ସିଟ୍‌ରେ କିପରି ମହିଳାମାନେ ଲଢିପାରିବେ ସେନେଇ ଦଳ ଧ୍ୟାନ ଦେବ ବୋଲି ସେ କହିଥିଲେ। ଖବରଦାତା ସମ୍ମିଳନୀରେ ଭାଜପା ମହିଳା ମୋର୍ଚ୍ଚା ରାଜ୍ୟ ସଭାପତି ପ୍ରଭାତୀ ପରିଡ଼ା ଉପସ୍ଥିତ ଥିଲେ।

## ଏପାଖ/ସେପାଖ

### ସଙ୍ଗୀତରେ ୧୨୦ର ସ୍ୱର

ପୁରୀ ଅଫିସ, ୨୪।୯: ୨୦୧୯ ସାଧାରଣ ନିର୍ବାଚନରେ ଓଡ଼ିଶାରେ ୧୨୦ ବିଧାନସଭା ଆସନ ହାତେଇବାକୁ ଆହ୍ୱାନ ଦେଇଛନ୍ତି ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ। ଏହାକୁ ନେଇ କର୍ମୀଙ୍କ ପାଖରେ ପହଞ୍ଚୁଛନ୍ତି ନେତା। ସମାବେଶରେ ଏହି ୱାନ୍‌ଟ୍ୱେଣ୍ଟିଂ (୧୨୦)କୁ ସଙ୍ଗୀତରେ ସଜାଇ ପରିବେଷଣ କରିଥିଲେ ଗୀତିକାର ପଞ୍ଚାନନ ନାୟକ ଏବଂ କୃଷ୍ଣା ମିଶ୍ର। ଦୁହେଁ ସଙ୍ଗୀତର ତାଳେ ତାଳେ କର୍ମୀଙ୍କୁ ଝୁମାଇଥିଲେ।

### ବୋଲ ଦିଲ୍ ସେ...

ପୁଣି କ୍ଷମତାକୁ ଆସିବେ ମୋଦି ସରକାର। କେବଳ ଆମ ଭିତରେ ସେଭଳି ଆତ୍ମବିଶ୍ୱାସ ରହିବା ଦରକାର। ଓଡ଼ିଶାର କୋଣ ଅନୁକୋଣରେ ପହଞ୍ଚି ସମସ୍ତଙ୍କୁ କେନ୍ଦ୍ର ସରକାରଙ୍କ ସଫଳତାର ଗାଥା ପହଞ୍ଚାଇ ପାରିଲେ ଏହା ସଫଳ ହୋଇପାରିବ ବୋଲି କହିଥିଲେ ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ପ୍ରଭାତି ପରିଡ଼ା। ଏହି ଅବସରରେ ସେ ବୋଲ ଦିଲ୍ ସେ...ମୋଦି ଜୀ ଫିର୍ ସେର ସ୍ଲୋଗାନ ରଖିଥିଲେ, ଯାହାକି ମହିଳା କର୍ମୀଙ୍କୁ ବେଶ୍ ଆକୃଷ୍ଟ କରିଥିଲା।

### ଶାହଙ୍କୁ ପଦ୍ମମାଳ, ହୁଳହୁଳିରେ କମ୍ପିଲା ସଭାସ୍ଥଳ

ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହଙ୍କୁ ସ୍ୱାଗତ ପାଇଁ ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ପ୍ରସ୍ତୁତ ରହିଥିଲେ। ଏଥିପାଇଁ ସେ ଷ୍ଟେଜରେ ହୁଳହୁଳି ରିହର୍ସଲ କରିଥିଲେ। ଶାହ ମଞ୍ଚକୁ ପ୍ରବେଶ କରିବା ମାତ୍ରେ ହୁଳହୁଳିରେ ସଭାସ୍ଥଳ ପ୍ରକମ୍ପିତ ହୋଇ ଉଠିଥିଲା। ଏହାପରେ ପୁରୀ ଜିଲା ଭାଜପା ପକ୍ଷରୁ ପଦ୍ମ ଏବଂ ଗୋଲାପ ଫୁଲ ମିଶ୍ରିତ ବିରାଟ ମାଳରେ ସମ୍ବର୍ଦ୍ଧିତ କରାଯାଇଥିଲା। ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କୃଷ୍ଣ ପଣ୍ଡା, ରବି ଦାସଙ୍କ ସମେତ ବହୁ କର୍ମୀ ମଞ୍ଚଙ୍କୁ ଯାଇ ସମ୍ବର୍ଦ୍ଧନା ଦେଇଥିଲେ।

### ନେତ୍ରୀ ପିନ୍ଧିଲେନି, କର୍ମୀଙ୍କୁ ତାଗିଦ

ଭାଜପା ସଭା ଯେଉଁଠି ହୁଏ ସେଠି ଆକର୍ଷଣ ସାଜେ ଦଳୀୟ ଟୋପି। ପଦ୍ମଫୁଲ ଚିତ୍ର ରହିଥିବା ଏହି ଗେରୁଆ ଟୋପି ପିନ୍ଧିବା ଲାଗି ମଞ୍ଚରୁ ବାରମ୍ବାର ମାଇକ୍ ଯୋଗେ କର୍ମୀଙ୍କୁ ତାଗିଦ୍ କରୁଥିଲେ ନେତ୍ରୀ। କେବଳ ପିଙ୍କି ପ୍ରଧାନଙ୍କୁ ଛାଡିଦେଲେ ମଞ୍ଚାସୀନ ନେତ୍ରୀମାନଙ୍କ ମଧ୍ୟରେ କାହା ମୁଣ୍ଡରେ ଦଳୀୟ ଟୋପି ନ ଥିଲା।

## ମହାପ୍ରଭୁଙ୍କର ହେଲା ମହାସ୍ନାନ

**ପୁରୀ ଅଫିସ,୨୪।୯:** ସୋମବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କର ମହାସ୍ନାନ ହୋଇଛି। ସନ୍ଧ୍ୟା ଆଳତି ପରେ ଠାକୁରଙ୍କ ମଇଲମ ହୋଇ ବେଶ ସମୟରେ ଶ୍ରୀମନ୍ଦିରର ଜଣେ କର୍ମଚାରୀ (ଚର୍ଚ୍ଚା)ଙ୍କ ହାତ ଫୁଲମାଳରେ ବାଜି ଯାଇଥିଲା। ଏହା ପରଠାରୁ ନୀତି ଅଟକି ଯାଇଥିଲା। ମହାପ୍ରଭୁଙ୍କ ମହାସ୍ନାନ ହୋଇଥିଲା। ମହାସ୍ନାନ ପରେ ଅଟକିଥିବା ନୀତି ପୁଣି ଆରମ୍ଭ ହୋଇଥିଲା। ଏଥିପାଇଁ ନୀତି ପ୍ରାୟ ୧ ଘଣ୍ଟା ବିଳମ୍ବ ହୋଇଥିଲା।

## ସୂଚନା ଅଧିକାର କର୍ମୀଙ୍କୁ ପୋଲିସର ମାଡ଼

**ପୁରୀ ଅଫିସ,୨୪।୯:** ଏକ ଦଳିତ ପରିବାରକୁ ନ୍ୟାୟ ପ୍ରଦାନ ଲାଗି ସଦର ଥାନାକୁ ଯାଇଥିବା ସୂଚନା ଅଧିକାର କର୍ମୀ ଲୋକନାଥ ନାୟକଙ୍କୁ ସଦର ଥାନାର ଜଣେ ଏଏସ୍‌ଆଇ ମାଡ଼ ମାରିଥିବା ସୋମବାର ଏସ୍‌ପିଙ୍କ ନିକଟରେ ଅଭିଯୋଗ ହୋଇଛି। ଲୋକନାଥ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ପୁରୀ ସଦର ବ୍ଲକ ଅନ୍ତର୍ଗତ ଗୋପୀନାଥ ପାଟଣାର କେତେକ ଦଳିତ ପରିବାରକୁ କେତେଜଣ ସବର୍ଣ୍ଣ ଜାତିର ଲୋକେ ମରଣାନ୍ତକ ଆକ୍ରମଣ କରିଥିଲେ। ଆକ୍ରମଣର ଶିକାର ହୋଇଥିବା ପରିବାର ଲୋକେ ରବିବାର ସଦର ଥାନାକୁ ଅଭିଯୋଗ କରିବାକୁ ଯାଇଥିଲେ। ଖବର ପାଇ ସୂଚନା ଅଧିକାର କର୍ମୀ ଲୋକନାଥ ଥାନାକୁ ଯାଇଥିଲେ। ସେହି ସମୟରେ ଥାନାରେ ଉପସ୍ଥିତ ଥିବା ଜଣେ ଏଏସ୍‌ଆଇ ତାଙ୍କୁ ଅଶାଳୀନ ଭାଷାରେ ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ। ଅନ୍ୟପଟେ ପୁରୀ ଜିଲା ସୂଚନା ଅଧିକାର ଅଭିଯାନର ସଂଯୋଜକ ଆଇନଜୀବୀ ଚିନ୍ମୟ ଦାଶ ସମ୍ପୃକ୍ତ ପୋଲିସ ଏଏସ୍‌ଆଇଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଏ ନେଇ କୌଣସି ପଦକ୍ଷେପ ଗ୍ରହଣ କରା ନ ଗଲେ ସୂଚନା ଅଧିକାର କର୍ମୀମାନେ ରାସ୍ତାକୁ ଓହ୍ଲାଇବାକୁ ବାଧ ହେବେ ବୋଲି ସେ କହିଛନ୍ତି। ଏ ନେଇ ସଦର ଥାନା ଅଧିକାରୀ ଗୌରାଙ୍ଗ ଚରଣ ପୃଷ୍ଟିଙ୍କ ମତାମତ ମିଳିପାରିନାହିଁ।

**ନ୍ୟାଶନାଲ୍ ସିଲ୍କ ଏକ୍ସପୋ**

## ଗୋଟିଏ ସ୍ଥାନରେ ସିଲ୍କ, କଟନ୍ ବସ୍ତ୍ରର ପସରା

**ଭୁବନେଶ୍ୱର,୨୪।୯(ବ୍ୟୁରୋ)**

ପାର୍ବଣ ଋତୁପାଇଁ ଏବେ ସବୁଠି ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଏଥର ପର୍ବରେ ଲୋକଙ୍କୁ ନୂଆ ନୂଆ ଭେରାଇଟି ତଥା ବିଭିନ୍ନ ଡିଜାଇନ୍‌ର ଶାଢ଼ି, ଡ୍ରେସ୍ କପଡ଼ା ଆଦିକୁ ରିହାତି ମୂଲ୍ୟରେ ପ୍ରଦାନ କରିବା ଲକ୍ଷ୍ୟରେ ଆରମ୍ଭ ହୋଇଯାଇଛି 'ନ୍ୟାଶନାଲ୍ ସିଲ୍କ ଏକ୍ସପୋ'। ଗ୍ରାମୀଣ ହସ୍ତକଳା ବିକାଶ ସମିତି ପକ୍ଷରୁ ଆୟୋଜିତ ଏହି ଏକ୍ସପୋରେ ଗୋଟିଏ ଛାତ ତଳେ ହିଁ ଦେଶର ବିଭିନ୍ନ ରାଜ୍ୟର ସିଲ୍କ, ହ୍ୟାଣ୍ଡଲୁମ୍ ଶାଢ଼ି, ଡ୍ରେସ୍ ଆଦିର ପସରା ଦେଖିବାକୁ ମିଳୁଛି। ହୋଟେଲ ନ୍ୟୁ ମାରିୟନ୍‌ଠାରେ ଶନିବାରଠାରୁ ଆରମ୍ଭ ହୋଇଥିବା ମେଳାରେ ପଞ୍ଜାବ, ଗୁଜରାଟ, ମଧ୍ୟପ୍ରଦେଶ, ତାମିଲନାଡୁ, ଉତ୍ତର ପ୍ରଦେଶ, କଶ୍ମୀର ସମେତ ୨୫ଟି ରାଜ୍ୟର ବ୍ୟବସାୟୀ ଯୋଗଦେଇଛନ୍ତି। ମୋଟ ୭୦ଟି ଷ୍ଟଲରେ ସିଲ୍କ, କଟନ୍, ହ୍ୟାଣ୍ଡଲୁମ୍ ଆଦି ଶାଢ଼ି ଉପଲବ୍ଧ ହେଉଛି, ଯାହାର ଦାମ୍ ୫୦୦ଟଙ୍କାଠାରୁ ଆରମ୍ଭ ହୋଇ ୨ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରହିଛି। କାଞ୍ଜିବରମ୍ ଶାଢ଼ିର ଚାହିଦା ବର୍ତ୍ତମାନ ଅଧିକ ରହିଥିବା ଆୟୋଜକ ସୂଚନା ଦେଇଛନ୍ତି। ଏହି ଶାଢ଼ିର ଦାମ୍ ୮୦୦୦ରୁ ଆରମ୍ଭ ହୋଇ ୨ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରହିଛି। ସେହିପରି ଡବଲ ୱେଭ୍, ଇକ୍କତ୍, ଧର୍ମବରମ୍, ଭେଙ୍କଟଗିରି ସିଲ୍କ, ଚନ୍ଦେରୀ, ମହେଶ୍ୱରୀ, କାଞ୍ଜିବରମ୍, ଉପ୍ପଦା, ବନାରସ୍ ସିଲ୍କ, ଜାମବାର୍, ଜାମଦାନୀ ସିଲ୍କ, ଲକ୍ଷ୍ନୌ ଚିକ୍କନ, ରାଜସ୍ଥାନୀ ବାନ୍ଧଣୀ ଭଳି ବିଭିନ୍ନ ପ୍ରକାର ଶାଢ଼ି ଏଠାରେ ସୁଲଭ ମୂଲ୍ୟରେ ମିଳୁଛି। ଏହାବ୍ୟତୀତ ଭାଗଲପୁର, କଶ୍ମୀରର ଡ୍ରେସ୍‌କୁ ଗ୍ରାହକମାନେ ଅଧିକ ପସନ୍ଦ କରୁଥିବା ଦେଖିବାକୁ ମିଳୁଛି। ଆଗକୁ ପୂଜା ଥିବାରୁ ଭଲ ବ୍ୟବସାୟ ହେଉଛି ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି। ଆସନ୍ତା ୩୦ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଏକ୍ସପୋ ପ୍ରତ୍ୟହ ପୂର୍ବାହ୍ନ ୧୦ଟା ୩୦ରୁ ରାତି ୮ଟା ୩୦ ଯାଏ ଖୋଲା ରହୁଛି।

**ଡିମାଣ୍ଡରେ କାଞ୍ଜିବରମ୍ ଶାଢ଼ି**





"ମନକୁ ଯଦି କାମରେ ନ ଲଗାଇବ, ସେଥିରେ କଳଙ୍କି ଲାଗି ଶେଷରେ ଅକାମୀ ହୋଇଯିବ ।
-ସାର୍ ଜନ୍ ସାଇମନ

## ସଂକ୍ଷେପରେ

### ପୋଲିସକୁ ମାଡ଼ ମାରିବା ଘଟଣା, ୩ ଗିରଫ

ଭୁବନେଶ୍ୱର,୨୪।୯(ବ୍ୟୁରୋ): ଭରତପୁର ଛକରେ ଏକ କାର ଦୁର୍ଘଟଣାକୁ ନେଇ ରବିବାର ରାତିରେ ସନ୍ତୋଷୀନଗର ବସ୍ତିର କେତେଜଣ ଯୁବକ ପୋଲିସକୁ ମାଡ ମାରିଥିଲେ। ଏନେଇ ଖଣ୍ଡଗିରି ଥାନାର ହାବିଲଦାର ସନ୍ତୋଷ କୁମାର ମୁଦୁଲି ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗ ଆଧାରରେ ପୋଲିସ ସୋମବାର ମାମଲା ରୁଜୁ କରି ଭରତପୁରର ଶଙ୍କର ପ୍ରଧାନ ଓ ପ୍ରମୋଦ ଦାଶ ଏବଂ ଷ୍ଟୁଡିଓ ଛକର ସନ୍ତୋଷ ମହାକୁଡଙ୍କୁ ଗିରଫ କରିଛି। ସେମାନଙ୍କ ବିରୋଧରେ ପୋଲିସ କେସ୍ ନଂ. ୪୩୦/୧୮ ଦଫା ୩୪୧, ୩୩୨, ୩୫୩, ୩୫୪, ୫୦୬ ଓ ୩୪ ଲଗାଇ କୋର୍ଟ ଚାଲାଣ କରିଛି।

### ଟଙ୍କା ଫେରସ୍ତ ଦାବିରେ ଷ୍ଟେଶନ ମାଷ୍ଟରଙ୍କୁ ଘେରିଲେ ଯାତ୍ରୀ

ଭୁବନେଶ୍ୱର,୨୪।୯(ବ୍ୟୁରୋ) ଖଡ଼ଗପୁରରେ ଆନ୍ଦୋଳନକାରୀମାନେ ଆନ୍ଦୋଳନ କରିବା ଦ୍ୱାରା ସେହି ରୁଟ୍‌ରେ ରେଳ ଚଳାଚଳରେ କଟକଣା କରାଯାଇଛି। ଫଳରେ କେତେକ ଟ୍ରେନ ବିଳମ୍ବରେ ଚାଲିବା ସହ ଆଉ କେତେକ ଟ୍ରେନକୁ ବାତିଲ ମଧ୍ୟ କରାଯାଇଥିଲା। ଯାହାକୁ ନେଇ ଯାତ୍ରୀମାନେ ତାତିଥିଲେ। ସୋମବାର ରାତି ପ୍ରାୟ ୮ଟାରେ ଭୁବନେଶ୍ୱର ଷ୍ଟେଶନରେ ଏନେଇ ଉତ୍ତେଜନା ଦେଖିବାକୁ ମିଳିଥିଲା। ଯାତ୍ରୀମାନେ ଟିକେଟ କିଣି ଦୀର୍ଘ ସମୟ ଟ୍ରେନକୁ ଅପେକ୍ଷା କରିବା ପରେ ଟ୍ରେନ୍ ନ ଆସିବାରୁ ସେମାନେ ଟିକେଟ ବାବଦ ଅର୍ଥ ତୁରନ୍ତ ଫେରାଇ ଦେବାକୁ ଦାବି କରିଥିଲେ। ଟଙ୍କା ସଙ୍ଗେ ସଙ୍ଗେ ଫେରସ୍ତ ହୋଇପାରିବ ନାହିଁ ବୋଲି କର୍ତ୍ତୃପକ୍ଷ କହିବା ପରେ ଉତ୍ତେଜନା ପ୍ରକାଶ ପାଇଥିଲା। ବାହାର ରାଜ୍ୟର ଯାତ୍ରୀମାନେ ଷ୍ଟେଶନ ମାଷ୍ଟରଙ୍କୁ ଘେରିଥିଲେ। ଖବର ପାଇ ଜିଆରପି ଓ କ୍ୟାପିଟାଲ ଥାନା ପୋଲିସ ପହଞ୍ଚି ବୁଝାଶୁଝା କରିଥିଲେ। ଟିକେଟ କରିଥିବା ଯାତ୍ରୀମାନେ ସେମାନଙ୍କର ଟଙ୍କା ଆକାଉଣ୍ଟ ମାଧ୍ୟମରେ ଫେରିପାଇବେ ବୋଲି ରେଳ କର୍ତ୍ତୃପକ୍ଷ କହିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା।

### ବାଣୀବିହାର କ୍ୟାମ୍ପସରେ ଉତ୍ତେଜନା

# ଗେଟ୍ ଖୋଲିବାକୁ କେନ୍ଦ୍ର କରି ଦୁଇ ଗୋଷ୍ଠୀ ମୁହାଁମୁହିଁ

ଭୁବନେଶ୍ୱର, ୨୪।୯(ବ୍ୟୁରୋ)

କିଛି ଦିନର ନୀରବତା ପରେ ପୁଣି ସୋମବାର ରାତିରେ ବାଣୀବିହାର ଗେଟ୍ ସମ୍ମୁଖରେ ଉତ୍ତେଜନା ଦେଖିବାକୁ ମିଳିଛି। ଗେଟ୍ ଖୋଲିବାକୁ କେନ୍ଦ୍ର କରି ବିଶ୍ୱବିଦ୍ୟାଳୟ ବି. ଫାର୍ମା ଓ କେତେଜଣ ଅଣଛାତ୍ର ମୁହାଁମୁହିଁ ହୋଇଛନ୍ତି। ଖବର ପାଇ ଶହୀଦନଗର ଥାନା ଅଧିକାରୀ ପଦ୍ମନାଭ ପ୍ରଧାନ ଅନ୍ୟ ପୋଲିସଙ୍କ ସହ ପହଞ୍ଚି ଗଣ୍ଡଗୋଳକାରୀଙ୍କୁ ବୁଝାଶୁଝା କରିବାକୁ ଉଦ୍ୟମ କରିଥିଲେ। ସେଠାରେ ଆନ୍ଦୋଳନକାରୀ ପୋଲିସକୁ ମାଡ଼ ମାରିଥିଲେ। ଶେଷରେ ପୋଲିସ ଫୋର୍ସ ପହଞ୍ଚିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ୩ ଗଣ୍ଡଗୋଳକାରୀଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଛି। କ୍ୟାମ୍ପସରେ ଉତ୍ତେଜନା ଥିବାରୁ ପୋଲିସ ଫୋର୍ସ ମୁତୟନ କରାଯାଇଛି।

ସୂଚନା ଅନୁଯାୟୀ, ବିଶ୍ୱବିଦ୍ୟାଳୟର ଫାର୍ମାସିଟ୍ୟୁକାଲ ବିଭାଗକୁ ଫାର୍ମାସି କାଉନସିଲ ଅଫ୍ ଇଣ୍ଡିଆ (ପିସିଆଇ) ଅନୁମତି ମିଳି ନ ଥିବାରୁ ଛାତ୍ରୀଛାତ୍ର ପିସିଆଇ ଦ୍ୱାରା ଅନୁମୋଦିତ ସାର୍ଟିଫିକେଟ ପାଇବାରୁ ବଞ୍ଚିତ ହେବେ। ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ପୂର୍ବରୁ ଛାତ୍ରୀଛାତ୍ରଙ୍କୁ ମିଛ ପ୍ରତିଶ୍ରୁତି ଦେଇ ବିଶ୍ୱବିଦ୍ୟାଳୟରେ ଆଡମିଶନ କରାଇଛନ୍ତି ବୋଲି ଛାତ୍ରୀଛାତ୍ର ଅଭିଯୋଗ ଆଣି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏନେଇ କେତେଜଣ ଫାର୍ମାସି ଛାତ୍ରୀଛାତ୍ର ଧାରଣାରେ ବସିଥିଲେ। ସେମାନେ କ୍ୟାମ୍ପସର ମୁଖ୍ୟ ଗେଟକୁ ବନ୍ଦ କରି ଭିସିଙ୍କ ବିରୋଧରେ ନାରାବାଜି ଦେଉଥିଲେ। ଏହି ସମୟରେ ବିଶ୍ୱବିଦ୍ୟାଳୟର ଜଣେ ପୁରାତନ ଛାତ୍ର କାରରେ କ୍ୟାମ୍ପସ ଭିତରକୁ ଯାଉଥିଲେ। ସେ ଆନ୍ଦୋଳନକାରୀ ଛାତ୍ରମାନଙ୍କୁ ଗେଟ୍ ଖୋଲିବାକୁ କହିଥିଲେ। ହେଲେ ସେମାନେ ନ ଶୁଣି ତାଙ୍କୁ ଗାଳିଗୁଲଜ କରିଥିଲେ। ପୂର୍ବତନ ଛାତ୍ର ଜଣକ ତାଙ୍କର କେତେଜଣ ସାଙ୍ଗଙ୍କୁ ଫୋନ୍ କରି ଡାକିଥିଲେ। କିଛି ସମୟରେ ପରେ ପୂର୍ବତନ ଛାତ୍ରଙ୍କ ସହଯୋଗୀମାନେ ପହଞ୍ଚିବା ପରେ ଉଭୟ ଗୋଷ୍ଠୀଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଏହା ଉଗ୍ରରୂପ ନେଇଥିଲା। ଆନ୍ଦୋଳନ କରୁଥିବା ଗୋଷ୍ଠୀର ଜଣେ ଛାତ୍ର ଅନ୍ୟ ଗୋଷ୍ଠୀର ଜଣେ ଯୁବକଙ୍କୁ ଚାପୁଡ଼ା ମାରିଥିଲେ। ଫଳରେ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଥାନା ଅଧିକାରୀ ପ୍ରଧାନ କହିଛନ୍ତି, ଏନେଇ ଥାନାରେ କୌଣସି ଅଭିଯୋଗ ହୋଇନାହିଁ। କ୍ୟାମ୍ପସରେ ଉତ୍ତେଜନା ଥିବାରୁ ପୋଲିସ ଫୋର୍ସ ମୁତୟନ କରାଯାଇଛି। କ୍ୟାମ୍ପସରେ ଯିଏ ଅଶାନ୍ତ ସୃଷ୍ଟି କରିବ ତାଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

**ପୋଲିସକୁ ମାଡ଼ ମାରିଲେ ଆନ୍ଦୋଳନକାରୀ**



### ରାଜଧାନୀ କଲେଜରେ ଆଶାୟୀ ସମ୍ପାଦକ ପ୍ରାର୍ଥୀଙ୍କୁ ମାଡ଼ ଘଟଣା

# ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଛାତ୍ରୀଛାତ୍ରଙ୍କ ଧାରଣା

ଭୁବନେଶ୍ୱର, ୨୪।୯(ବ୍ୟୁରୋ)

କଲେଜରେ ବିଶୃଙ୍ଖଳା ସୃଷ୍ଟି କରୁଥିବା ଛାତ୍ର ଏବଂ ଅଣଛାତ୍ରଙ୍କୁ ତୁରନ୍ତ ଗିରଫ କର। ନଚେତ କଲେଜକୁ ଅଚଳ କରି ଦିଆଯିବ। ପୋଲିସକୁ ଏଭଳି ଚେତାବନୀ ଦେଇଛନ୍ତି ରାଜଧାନୀ କଲେଜ ଛାତ୍ରୀଛାତ୍ର। କିଛିଦିନ ତଳେ କଲେଜ ପରିସରରେ ଦୁଇଜଣ ଛାତ୍ର ଓ ଦୁଇଜଣ ଅଣଛାତ୍ର ପ୍ରବେଶ କରି ଆଗାମୀ ଛାତ୍ର ସଂସଦ ନିର୍ବାଚନରେ ଆଶାୟୀ ସମ୍ପାଦକ ପ୍ରାର୍ଥୀଙ୍କୁ ମାଡ଼ ମାରିଥିଲେ। ମାତ୍ର ପୋଲିସ ଏଯାଏ ଅଭିଯୁକ୍ତଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନି। ସୋମବାର ଛାତ୍ରୀଛାତ୍ରମାନେ ପୋଲିସର ଏହି ଆଭିମୁଖ୍ୟକୁ ନେଇ ପ୍ରଶ୍ନ ଉଠାଇବା ସହ ଅଭିଯୁକ୍ତଙ୍କ ଗିରଫ ଦାବିରେ କଲେଜ ଗେଟ୍‌ରେ ତାଲା ପକାଇ ଧାରଣାରେ ବସିଥିଲେ। ଛାତ୍ର ସଂସଦ ସଭାପତି ରଜତ ପ୍ରଧାନ କହିଥିଲେ, ଯେଉଁ ଛାତ୍ର ଏବଂ ଅଣଛାତ୍ର କଲେଜରେ ବିଶୃଙ୍ଖଳା ସୃଷ୍ଟି କରୁଛନ୍ତି ସେମାନଙ୍କ ବିରୋଧରେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନି। ତେଣୁ ଛାତ୍ରୀଛାତ୍ରମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି ବୋଲି ସେ କହିଛନ୍ତି। ଘଟଣା ସ୍ଥଳରେ ଡିସିପି ଏବଂ ଖଣ୍ଡଗିରି ଥାନା ଆଇଆଇସି ପହଞ୍ଚି ଆନ୍ଦୋଳନରତ ଛାତ୍ରୀଛାତ୍ରଙ୍କୁ ବୁଝାଶୁଝା କରିଥିଲେ। ଦୁଇଦିନ ଭିତରେ ମାଡ ମାରିଥିବା ୪ ଛାତ୍ରଙ୍କୁ ଗିରଫ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଛାତ୍ରୀଛାତ୍ର ଧାରଣାରୁ ଉଠିଥିଲେ।



## ଅଗ୍ନିଶମ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

ବାରଙ୍ଗ,୨୪।୯(ଡି.ଏନ୍.ଏ.)

ନରାଜଠାରେ ଥିବା ଓଡ଼ିଶା ଅଗ୍ନିଶମ ଓ ବିପତ୍ତି ନିସ୍ତାର ଅନୁଷ୍ଠାନ ଏବଂ ବାରଙ୍ଗ ଅଗ୍ନିଶମ କେନ୍ଦ୍ରଠାରେ ସୋମବାରଠାରୁ ଅଗ୍ନିଶମ କର୍ମଚାରୀ କାର୍ଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ କରିଛନ୍ତି। ଓଡ଼ିଶା ପୋଲିସ କର୍ମଚାରୀମାନଙ୍କ ଭଳି ସମାନ ଦରମା ପ୍ରଦାନ, ହାବିଲଦାର ଓ ଫାୟାରମ୍ୟାନ୍ ଆସୋସିଏଶନକୁ ସରକାରୀ ପଞ୍ଜୀକୃତ, ଚୁକ୍ତିଭିତ୍ତିକ କର୍ମଚାରୀମାନଙ୍କୁ ନିୟମିତ ଦରମାଭୁକ୍ତ, ଅବସର ନେଇଥିବା କର୍ମଚାରୀମାନଙ୍କୁ ଅବସରକାଳୀନ ପ୍ରାପ୍ୟ ଓ ପେନ୍‌ସନ ପ୍ରଦାନ ସମେତ ୬ଦଫା ଦାବିରେ ଅଗ୍ନିଶମ କର୍ମଚାରୀମାନେ ଧାରଣା ଦେଇଥିଲେ।

# ୟୁରୋପୀୟ ସଂଘ ରାଷ୍ଟ୍ରଦୂତଙ୍କ କିଟ୍ ପରିଦର୍ଶନ



ଭୁବନେଶ୍ୱର, ୨୪।୯(ବ୍ୟୁରୋ)

ଭାରତରେ ଅବସ୍ଥାପିତ ୟୁରୋପୀୟ ସଂଘର ରାଷ୍ଟ୍ରଦୂତ ଥୋମାସ୍ କଜ୍‌ଲାଓସ୍କି ସୋମବାର କିଟ୍ ଓ କିସ୍ ପରିଦର୍ଶନ କରିଛନ୍ତି। ସେ କିଟ୍‌ର ବିଭିନ୍ନ କ୍ୟାମ୍ପସ୍ ବୁଲି ଦେଖିବା ସହ କିସ୍‌ର ବିଭିନ୍ନ ବିଭାଗ ପରିଦର୍ଶନ କରିଥିଲେ। ଏହି ଅବସରରେ କିସ୍‌ର ୨୭ହଜାର ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇ ସେ କହିଲେ, 'ତୁମେ ମାନେ ହେଉଛ ପ୍ରକୃତ ହିରୋ, ତୁମମାନଙ୍କ ମୁହଁରେ ହସ ଦେଖି ମୁଁ ବହୁତ ଖୁସି। ଭବିଷ୍ୟତରେ ଓଡ଼ିଶା ଆସିଲେ ତୁମମାନଙ୍କ ସହ ଦୀର୍ଘ ସମୟ ଅତିବାହିତ କରିବି' ବୋଲି ସେ କହିଥିଲେ। କିସ୍‌କୁ ଏକ ବୃହତ୍ ସଫଳ ଅନୁଷ୍ଠାନ ବୋଲି ବିବେଚନା କରିବା ସହ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଉଦ୍ୟମକୁ ଥୋମାସ୍ ପ୍ରଶଂସା କରି ଧନ୍ୟବାଦ ଜଣାଇଥିଲେ। ସେ ନାରୀଶିକ୍ଷା ଉପରେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କିଟ୍ ଓ କିସ୍‌ର ସମ୍ପାଦକ ଆର. ଏନ୍. ଦାଶ, କିସ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ହରେକୃଷ୍ଣ ଶତପଥୀ, କୁଳସଚିବ ଜୁଲିଅସ୍ ଲାକ୍ରା. କିସ୍ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ପ୍ରଶାନ୍ତ କୁମାର ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ।

# ଆରଓଏମ୍ ଡିପୋଜିଟ୍ କରିବାକୁ ସିଏଚ୍‌ଏସ୍‌ଇ ନୋଟିସ

ଭୁବନେଶ୍ୱର, ୨୪।୯ (ବ୍ୟୁରୋ)

ଚଳିତ ବର୍ଷ ଯୁକ୍ତ୨ ପ୍ରଥମ ବର୍ଷରେ ନାମ ଲେଖାଇଥିବା ଛାତ୍ରୀଛାତ୍ରଙ୍କ ତଥ୍ୟ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ପଞ୍ଜୀକରଣ କରିବାକୁ ସମସ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ରିଟର୍ନ ଅଫ୍ ମାଟ୍ରିକୁଲେଶନ (ଆରଓଏମ୍) ମାଗିଛି। ଏନେଇ ସିଏଚ୍‌ଏସ୍‌ଇ ପରୀକ୍ଷା ନିୟନ୍ତ୍ରକ ବିଜୟ କୁମାର ସାହୁ ସମସ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ଘରୋଇ ଯୁକ୍ତ ୨ କଲେଜର ଅଧ୍ୟକ୍ଷ, ସେଲଫ୍ ଫାଇନାନ୍ସିଂ ଯୁକ୍ତ ୨ କଲେଜ ଅଧ୍ୟକ୍ଷ ଏବଂ ଧନ୍ଦାମୂଳକ ଶିକ୍ଷା କଲେଜ ଅଧ୍ୟକ୍ଷଙ୍କୁ ନୋଟିସ୍ ଜାରି କରିଛନ୍ତି। ନୋଟିସ୍‌ରେ ପ୍ରଧାନ ଶିକ୍ଷକ ଛାତ୍ରୀଛାତ୍ରଙ୍କ ଡକ୍ୟୁମେଣ୍ଟ ସହ ଛାତ୍ରୀଛାତ୍ର ପିଛା ୪୨୦ ଟଙ୍କା ଅନ୍‌ଲାଇନରେ ଏସବିଆଇରେ ଡିପୋଜିଟ୍ କରିବାକୁ ପରାମର୍ଶ ଦିଆଯାଇଛି। ବିଦ୍ୟାଳୟ କର୍ତ୍ତୃପକ୍ଷ ୨୫।୯।୧୮ରୁ ୩।୧୦।୧୮ ମଧ୍ୟରେ ବିନା ଜରିମାନାରେ ଡିପୋଜିଟ୍ କରିବାକୁ କୁହାଯାଇଛି। ଏହି ସମୟରେ ଡିପୋଜିଟ୍ ନ କରି ପାରିଲେ ପ୍ରତି ଛାତ୍ରୀଛାତ୍ର ପିଛା ୫୦ ଟଙ୍କା ଜରିମାନା ଦେଇ ୫।୧୦।୧୮ରୁ ୯।୧୦।୧୮ ମଧ୍ୟରେ ଡିପୋଜିଟ୍ କରିବାକୁ ସିଏଚ୍‌ଏସ୍‌ଇ ନିର୍ଦ୍ଦେଶ ଦେଇଛି।

### ଜଳ ନିଷ୍କାସନରେ ଅବହେଳା

# ପ୍ରତିବାଦରେ ୫ ଗାଁର ଲୋକେ ଧାରଣା ଦେଲେ

ବାଲିଅନ୍ତା,୨୪।୯(ଡି.ଏନ୍.ଏ.)

ଜଳ ନିଷ୍କାସନରେ ଅବହେଳା ପ୍ରତିବାଦରେ ବିଏମ୍‌ସି ୪ନଂ. ୱାର୍ଡର ଅଧିବାସୀମାନେ ସୋମବାର ଆନ୍ଦୋଳନକୁ ଓହ୍ଲାଇଥିଲେ। ପାହାଳଠାରେ ରାସ୍ତାକାମ କରୁଥିବା ଏକ ଠିକାସଂସ୍ଥାର କାର୍ଯ୍ୟାଳୟ ସମ୍ମୁଖରେ ୫ ଗ୍ରାମର ଶତାଧିକ ଲୋକେ ଧାରଣା ଦେଇଥିଲେ। ନୂଆପାଟଣା, ବଙ୍ଗୁଆରୀର ବିଭିନ୍ନ ଚାଷଜମି, ରାସ୍ତା ଓ ଘର ମଧ୍ୟରୁ ତୁରନ୍ତ ଜଳ ନିଷ୍କାସନ, ଜଳ ନିଷ୍କାସନସ୍ଥଳକୁ ମୁକ୍ତ ରଖିବା ଏବଂ ମରଣଯନ୍ତା ପାଲଟିଥିବା ବାଇପାସ୍ ରାସ୍ତା, ଅଣ୍ଡରପାସ୍ ଓ ଜଗନ୍ନାଥ ମନ୍ଦିର ନିକଟ ରାସ୍ତାକୁ ୧୫ଦିନ ମଧ୍ୟରେ ଯାତାୟାତ ଉପଯୋଗୀ କରିବା ଆଦି ୩ ଦଫା ଦାବିରେ ଲୋକେ ଆନ୍ଦୋଳନ କରିଥିଲେ। ୪ନଂ. ୱାର୍ଡରେ ଜଳ ନିଷ୍କାସନ ସମସ୍ୟା ଦୀର୍ଘବର୍ଷ ହେବ ଲାଗିରହିଛି। ଜାତୀୟ ରାଜପଥ କର୍ତ୍ତୃପକ୍ଷ ଯୋରକୁ ପୋତି ରାସ୍ତା ନିର୍ମାଣ କରିବା ଯୋଗୁ ଏଭଳି ସମସ୍ୟା ଦେଖାଦେଇଛି। ରାସ୍ତା ଉପରେ ୪ ଫୁଟ ଉଚ୍ଚର ପାଣି ଜମି ରହିଥିବା ବେଳେ ୫୦ଏକର ଚାଷଜମି ବର୍ଷାପାଣିରେ ବୁଡ଼ିରହିଛି। ଏ ନେଇ ବାରମ୍ବାର ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଲିଖିତ ଅଭିଯୋଗ ସତ୍ତ୍ୱେ କୌଣସି ପଦକ୍ଷେପ ନିଆଯାଇପାରିନାହିଁ। ଫଳରେ ବାଧ୍ୟହୋଇ ଆମେ ଆନ୍ଦୋଳନକୁ ଓହ୍ଲାଇଛୁ ବୋଲି ପଦ୍ମନାଭ ପଟ୍ଟନାୟକ, ଶରତ ବେହେରା, ରମେଶ ମହାନ୍ତି, ଅକ୍ଷୟ କୁମାର ଲେଙ୍କା, ଦୁଃଶାସନ ପ୍ରଧାନ, ଗୋଲଖ ସାହୁ, ବିବେକାନନ୍ଦ ଭୋଳ ପ୍ରମୁଖ କହିଥିଲେ। ଖବର ପାଇ ଭୁବନେଶ୍ୱର ଉପଜିଲାପାଳ ଶୁଭେନ୍ଦୁ କୁମାର ସାହୁ, ତହସିଲଦାର ସବିତା ଗଡ଼ନାୟକ, ମେୟର ଅନନ୍ତ ନାରାୟଣ ଜେନା, ବିଏମ୍‌ସିର ଡେପୁଟୀ କମିଶନର ପ୍ରମୋଦ କୁମାର ପୃଷ୍ଟି ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ। ୭ଦିନ ଭିତରେ ସମସ୍ୟାର ସମାଧାନ ନେଇ ଉପଜିଲାପାଳ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

## ରମାଦେବୀ ବିଶ୍ୱବିଦ୍ୟାଳୟରେ ବିସିଜେଡିର ପ୍ରାର୍ଥୀ ଘୋଷଣା

ଭୁବନେଶ୍ୱର, ୨୪।୯ (ବ୍ୟୁରୋ): ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ସୋମବାର ବିଜୁ ଛାତ୍ର ଜନତା ଦଳ (ବିସିଜେଡି) ପ୍ରାର୍ଥୀ ଘୋଷଣା କରିଛି। ସଭାନେତ୍ରୀ ପଦବୀ ପାଇଁ ସ୍ୱୀକୃତି ମିଶ୍ରଙ୍କୁ ପ୍ରାର୍ଥିନୀ ଭାବେ ଘୋଷଣା କରାଯାଇଥିବାବେଳେ ସମ୍ପାଦିକା ଭାବେ ମଧୁସ୍ମିତା ନାୟକ ନିର୍ବାଚନ ଲଢିବେ। ତେବେ ମଙ୍ଗଳବାର ବିଧିବଦ୍ଧ ଭାବେ ଏହି ଦୁଇ ପ୍ରାର୍ଥିନୀଙ୍କ ନାମ ଘୋଷଣା କରାଯିବ ବୋଲି ସୂଚନା ମିଳିଛି।

## ଫଟୋରେ ଖବର




ସୂଚନା ଭବନରେ ସୋମବାର ଅନୁଷ୍ଠିତ ନେଶନ ବିଲ୍ଡର ଆୱାର୍ଡସ୍ ଉତ୍ସବରେ ଅତିଥିଙ୍କ ଗହଣରେ ପୁରସ୍କୃତ ବ୍ୟକ୍ତିମାନେ।



ୟୁନିଟ୍-୯ସ୍ଥିତ ଗାୟତ୍ରୀ ମନ୍ଦିର ପରିସରରେ ସୋମବାର ଓଡ଼ିଆ ଚଳଚ୍ଚିତ୍ର 'ମିଷ୍ଟେକ୍'ର ସ୍କ୍ରିପ୍ଟ ପୂଜା କରାଯାଇଛି।

## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ metroselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।



## ସେଲ୍‌ଫି କର୍ନର



@ ସୌମ୍ୟା



@ ବିଦ୍ୟୁତ୍



@ ସୁଦର୍ଶନ



@ ସ୍ୱପ୍ନା



@ ଆଶୁ



@ ଅଶୋକ

ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ
metroselfie@gmail.com
(ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

## ସଂକ୍ଷେପରେ

### ୨୮ରୁ ଇଣ୍ଡିଆନ୍ ଡକ୍ୟୁମେଣ୍ଟାରି ଫିଲ୍ମ ଫେଷ୍ଟିଭାଲ ଅଫ୍ ଭୁବନେଶ୍ୱର



**ଭୁବନେଶ୍ୱର, ୨୪।୯(ବ୍ୟୁରୋ):** ଇଣ୍ଡିଆନ୍ ଡକ୍ୟୁମେଣ୍ଟାରି ଫିଲ୍ମ ଫେଷ୍ଟିଭାଲ ଅଫ୍ ଭୁବନେଶ୍ୱର(ଆଇଡିଏଫ୍ଏସ୍‌ବି) ୨୦୧୮ ଆସନ୍ତା ୨୮ ତାରିଖରୁ ଓଡ଼ିଶୀ ଗବେଷଣା କେନ୍ଦ୍ରଠାରେ ଅନୁଷ୍ଠିତ ହେବ। ଫିଲ୍ମ ସୋସାଇଟି ଅଫ୍ ଭୁବନେଶ୍ୱର(ଏଫ୍ଏସ୍‌ବି) ପକ୍ଷରୁ ବିକଳ୍ପ, ଇଣ୍ଡିଆନ୍ ଫାଉଣ୍ଡେଶନ ଅଫ୍ ଆର୍ଟସ୍ (ଆଇଏଫ୍ଏ) ଓ କେରଳ ଚଳଚ୍ଚିତ୍ର ଏକାଡେମୀର ମିଳିତ ଆନୁକୂଲ୍ୟରେ ହେବାକୁ ଥିବା ଏହି ୩ଦିନିଆ ଉତ୍ସବରେ ବିଶିଷ୍ଟ ଚଳଚ୍ଚିତ୍ର ପ୍ରଯୋଜକ କୌଶିକ ମୁଖାର୍ଜୀ ଓ କମଳ ସ୍ୱରୂପ ଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଉତ୍ସବର ଉଦ୍‌ଘାଟନୀ ସିନେମା ଭାବେ ସନ୍ତୋଷ ଗୌରଙ୍କ 'ଶ୍ୟାମାମଣୀ ଦେବୀ-ଶାସ୍ତ୍ରୀୟ ଓଡ଼ିଶୀ ଗାୟିକା'କୁ ପ୍ରଦର୍ଶନ କରାଯିବ। ଏହା ପରେ ସେ ଦର୍ଶକଙ୍କ ସହିତ ଭାବ ବିନିମୟ କରିବେ। ଏହି ଉତ୍ସବରେ ସାମିଲ ହୋଇଥିବା ପ୍ରାୟ ସବୁ ସିନେମା ପ୍ରଥମ ଥର ପାଇଁ ଓଡ଼ିଶାରେ ପ୍ରଦର୍ଶିତ ହେବ। ନବରୁନ୍, ରଙ୍ଗଭୂମି, ବ୍ରେଥଡ୍ ଅପନ୍ ପେପର୍, ରାଶିକନ୍ ରେ, ୱାଲ୍ ଷ୍ଟୋରିଜ୍, କିତେ ମିଲ୍ ବେ ମାହି, ପାଲା, ପଏଟସ୍ ଅଫ୍ ଦି ପାଷ୍ଟ, ଏମ୍‌ସି କାଶ୍, ଗାଲି, ଆଇ ଡ୍ୟାନ୍ସ, ଦି ଅଦର ସଙ୍ଗ, ୱେଲକମ୍ ଭାଲେଣ୍ଟାଇନ ୨୦୧୭, ମେମୋରିଜ୍ ଅଫ୍ ଟ୍ରାନ୍ସ, ଓରୁ, ଚାଏକାଦାରକାରାନ୍ତେ, ମନ କି ବାଥ୍, ଦି ଟ୍ରାଇବାଲ ସ୍କୁପ୍, ନମା ଗୌରୀ, ମଡ୍, ଟେଲସ୍ ଫ୍ରମ୍ ଚାଇଲ୍‌ଡହୁଡ୍, ଡାଉନ୍ ଦି ରାବିଟ୍ ହୋଲ୍, ଖୋ କି ପା ଲୁ ଓ ଆଉଟ୍ ଅଫ୍ ଥିନ୍ ଏୟାର ଆଦି ସିନେମା ଏଠାରେ ପ୍ରଦର୍ଶନ କରାଯିବ। ଏହାବ୍ୟତୀତ ସିନେମା କୁଇଜ୍, ସଙ୍ଗୀତ କାର୍ଯ୍ୟକ୍ରମ ଓ ଲେଖା ପ୍ରତିଯୋଗିତା, କବିତା ଓ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାହିତ୍ୟ ପଠନ ଭଳି କାର୍ଯ୍ୟକ୍ରମ କରାଯିବ। ଏହି ଅବସରରେ ସିନେମା କ୍ରିଟିକ୍, ନିର୍ଦ୍ଦେଶକ ଓ ଅଭିନେତାଙ୍କୁ ନେଇ ଆଲୋଚନା କାର୍ଯ୍ୟକ୍ରମ ମଧ୍ୟ ରହିଛି। ଆଇଡିଏଫ୍ଏଫ୍‌ବିର ଏହା ଦ୍ୱିତୀୟ ସଂସ୍କରଣ। ପୂର୍ବ ସଂସ୍କରଣ ବେଶ ସଫଳ ହୋଇଥିବା ବେଳେ ଏଥର ବିବିଧ ବୃତ୍ତଚିତ୍ର ଆଦିକୁ ପ୍ରଦର୍ଶନ କରିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ସୋମବାର ନିଳାଦ୍ରୀ ବିହାରସ୍ଥିତ ଆକ୍ଟର ଷ୍ଟୁଡିଓଠାରେ ଆୟୋଜକଙ୍କ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ କୁହାଯାଇଛି।

# 'ପ୍ଲାଷ୍ଟିକ୍‌ମୁକ୍ତ ଓଡ଼ିଶା' ପାଇଁ ସଂକଳ୍ପ ନେବ ଓଡ଼ିଶା ପର୍ଯ୍ୟଟନ

**ଭୁବନେଶ୍ୱର,୨୪।୯(ବ୍ୟୁରୋ)**

**୨୭ରେ ବିଶ୍ୱ ପର୍ଯ୍ୟଟନ ଦିବସ**

ଆସନ୍ତା ୨୭ତାରିଖରେ ସମଗ୍ର ବିଶ୍ୱ ପାଳନ କରିବ ବିଶ୍ୱ ପର୍ଯ୍ୟଟନ ଦିବସ। ଏହି ଅବସରରେ ଓଡ଼ିଶା ପର୍ଯ୍ୟଟନ ପ୍ଲାଷ୍ଟିକ୍‌ମୁକ୍ତ ଓଡ଼ିଶା ପାଇଁ ସଂକଳ୍ପ ଘୋଷଣା କରିବ। ଏକ ପରିଚ୍ଛନ୍ନ ଓ ସବୁଜ ଓଡ଼ିଶା ଗଠନ ନିମନ୍ତେ ଜନସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ରାଜ୍ୟ ପର୍ଯ୍ୟଟନ ବିଭାଗ ସେହିଦିନ ଏଭଳି ଏକ ଅଭିନବ ପଦକ୍ଷେପ ଗ୍ରହଣ କରିବ। ଏ ନେଇ ସୋମବାର ସଚିବାଳୟଠାରେ ଆୟୋଜିତ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି।

ପର୍ଯ୍ୟଟନ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ବିଶ୍ୱ ପର୍ଯ୍ୟଟନ ଦିବସ ପାଳନ ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମ ଚୂଡ଼ାନ୍ତ ହୋଇଛି। ୨୭ତାରିଖ ସକାଳେ କଳିଙ୍ଗ ଷ୍ଟାଡିୟମ୍‌ରୁ ଏକ ପର୍ଯ୍ୟଟନ ପଦଯାତ୍ରା ବାହାରି ଉତ୍କଳ ମଣ୍ଡପ ପର୍ଯ୍ୟନ୍ତ ଯିବ। ବିଭିନ୍ନ ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ସେହିଭଳି ବିଜୁ ପଟ୍ଟନାୟକ ଆନ୍ତର୍ଜାତିକ ବିମାନବନ୍ଦର ଏବଂ ଭୁବନେଶ୍ୱର ଓ ପୁରୀ ରେଳଷ୍ଟେଶନରେ ପର୍ଯ୍ୟଟକମାନଙ୍କୁ ପାରମ୍ପରିକ ଶୈଳୀରେ ସ୍ୱାଗତ କରାଯିବ। ଏହାବ୍ୟତୀତ ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆରେ ସେହିଦିନ ଏକ ଖାଦ୍ୟ ମହୋତ୍ସବ ଆରମ୍ଭ ହେବ, ଯାହାକି ଅକ୍ଟୋବର ୮ତାରିଖ ପର୍ଯ୍ୟନ୍ତ ଚାଲିବ। ପର୍ଯ୍ୟଟନ ବିଭାଗ ସାଂସ୍କୃତିକ ପରିଷଦ ପକ୍ଷରୁ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ସୂଚନାଯୋଗ୍ୟ, ସଂଯୁକ୍ତ ରାଷ୍ଟ୍ରସଂଘ ବିଶ୍ୱ ପର୍ଯ୍ୟଟନ ସଙ୍ଗଠନ ଆନୁକୂଲ୍ୟରେ ସମଗ୍ର ବିଶ୍ୱରେ ଚଳିତମାସ ୨୭ତାରିଖରେ ପର୍ଯ୍ୟଟନ ଦିବସ ପାଳନ ହେବାକୁ ଯାଉଛି। 'ପର୍ଯ୍ୟଟନ ଓ ଡିଜିଟାଲ ପରିବର୍ତ୍ତନ' ଚଳିତବର୍ଷର ବିଶ୍ୱ ପର୍ଯ୍ୟଟନ ଦିବସର ପ୍ରସଙ୍ଗ ରହିଛି।




ସାଇ ଇଣ୍ଟରନ୍ୟାଶନାଲ ସ୍କୁଲରେ ସୋମବାର ଅନୁଷ୍ଠିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଅନ୍ତର୍ଜାତୀୟ ସ୍ତରୀୟ ବିଶିଷ୍ଟ ବଂଶୀବାଦକ ତଥା ସଙ୍ଗୀତକାର ନୁବ୍ୟା ଗାର୍ସିଆ ଓ ସହଯୋଗୀ ବାଦ୍ୟ ସଙ୍ଗୀତ ପରିବେଷଣ କରୁଛନ୍ତି।

# ୟୁକେ ଜାଜ୍ ନୁବ୍ୟା ଗାର୍ସିଆଙ୍କ ସଙ୍ଗୀତ ପରିବେଷଣ

**ଭୁବନେଶ୍ୱର, ୨୪।୯(ବ୍ୟୁରୋ)**

ୟୁକେ ଜାଜ୍‌ର ବିଶିଷ୍ଟ ବଂଶୀବାଦକ ଓ ସଙ୍ଗୀତକାର ନୁବ୍ୟା ଗାର୍ସିଆ ଓ ସହଯୋଗୀମାନେ ସୋମବାର ସାଇ ଇଣ୍ଟରନ୍ୟାଶନାଲ ସ୍କୁଲରେ ଏକ ମନୋରଞ୍ଜନଭରା ସଙ୍ଗୀତ କାର୍ଯ୍ୟକ୍ରମ ପରିବେଷଣ କରିଛନ୍ତି। ଏହି ସଙ୍ଗୀତ କାର୍ଯ୍ୟକ୍ରମ ଅତି ଉଚ୍ଚକୋଟୀର ଥିବାବେଳେ ସମସ୍ତ ଦର୍ଶକ ଏହାକୁ ଖୁବ୍ ଉପଭୋଗ କରିଥିଲେ। ଏହି କାର୍ଯ୍ୟକ୍ରମ ବ୍ରିଟିଶ୍ କାଉନ୍‌ସିଲ୍‌ର ଭାରତରେ ସଫଳତାର ସହ ୭୦ବର୍ଷ ପୂର୍ତ୍ତୀ ଅବସରରେ ଆୟୋଜିତ କରାଯାଇଛି। ଏହି ବ୍ୟାଣ୍ଡ ଗ୍ରୁପ୍‌ରେ ନୁବ୍ୟା ଗାର୍ସିଆ ମୁଖ୍ୟ ଥିବାବେଳେ ତାଙ୍କ ସହଯୋଗୀଙ୍କ ମଧ୍ୟରେ କିବୋର୍ଡ଼ ପ୍ଲେୟାର ଡୋମିନିକ୍ ଷ୍ଟିଫେନ୍, ଗୀଟାର୍ ବାଦକ ମାଇକେଲ୍ ଷ୍ଟ୍ରିମ୍ପଲିଙ୍ଗ୍, ଡ୍ରମ୍ ବାଦକ ଜେକ୍ ବର୍ଣ୍ଣାଡ୍ ଲଙ୍ଗ୍ ସାମିଲ ଥିଲେ। ୟୁକେ ଜାଜ୍‌ର ଏହା ଥିଲା ପ୍ରଥମ ଭାରତ ଗସ୍ତ। ଏହି ଅବସରରେ ବ୍ରିଟିଶ୍ କାଉନ୍‌ସିଲର ମହୁଆ ବାନାର୍ଜୀ କହିଥିଲେ ଯେ, ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ ଓ ବ୍ରିଟିଶ୍ କାଉନ୍‌ସିଲର ସହଯୋଗୀତା ଦୀର୍ଘ ଦିନର ଅଟେ। ସାଇ ଇଣ୍ଟରନ୍ୟାଶନାଲ ଗ୍ରୁପ୍‌ର ଚେୟାରମ୍ୟାନ୍ ଡ. ବିଜୟ କୁମାର ସାହୁ ଏହି ସଙ୍ଗୀତ ଦଳକୁ ଅଭିନନ୍ଦନ ଜଣାଇବା ସହିତ କହିଥିଲେ ଯେ, ଏହି ପ୍ରକାର ଆନ୍ତର୍ଜାତୀୟ ସ୍ତରର ସଙ୍ଗୀତ ପରିବେଷଣ ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିବ। ଶେଷରେ ସ୍କୁଲର ପ୍ରିନ୍ସପାଲ ହରିଶ୍ ସନ୍ଦୁଜା ନୁବ୍ୟା ଓ ତାଙ୍କର ସହଯୋଗୀମାନଙ୍କୁ ଧନ୍ୟବାଦ ଦେବା ସହିତ ସେମାନଙ୍କ ବାଦ୍ୟସଙ୍ଗୀତ ପରିବେଷଣକୁ ଭୂୟସୀ ପ୍ରଶଂସା କରିଥିଲେ।



ଧରିତ୍ରୀ ଓ ଓଡ଼ିଶା ପୋଷ୍ଟ୍‌ର 'ପ୍ଲାଷ୍ଟିକ ଫ୍ରି ଓଡ଼ିଶା' ଅଭିଯାନକୁ ସୋମବାର ସମର୍ଥନ ଦେଉଛନ୍ତି ପୁରୁଣା ଭୁବନେଶରସ୍ଥିତ ଏକାମ୍ର ଶିକ୍ଷା ନିକେତନର ଛାତ୍ରୀଛାତ୍ର ଓ ଶିକ୍ଷକଶିକ୍ଷୟିତ୍ରୀ

# ଏକାମ୍ର ଶିକ୍ଷା ନିକେତନ ପିଲାଙ୍କ ପ୍ଲାଷ୍ଟିକ୍ ଫ୍ରି ଅଭିଯାନକୁ ସମର୍ଥନ

**ପୁରୁଣା ଭୁବନେଶ୍ୱର, ୨୪।୯(ଡି.ଏନ.ଏ.)** ସୋମବାର ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ପକ୍ଷରୁ ପ୍ଲାଷ୍ଟିକ୍ ଫ୍ରି ଓଡ଼ିଶା ଅଭିଯାନକୁ ସ୍ଥାନୀୟ ଏକାମ୍ର ଶିକ୍ଷା ନିକେତନ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ସମର୍ଥନ ଜଣାଇଛନ୍ତି। ସ୍କୁଲ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ଲାଷ୍ଟିକ୍ ବ୍ୟବହାର କଲେ ପରିବେଶ ପ୍ରଦୂଷଣ ଓ ମୃର୍ତ୍ତିକା କ୍ଷତି ଘଟୁଛି ଏଣୁ ଏହାକୁ ବ୍ୟବହାର ନ କରିବା ପାଇଁ ବିଦ୍ୟାଳୟର ଅଧ୍ୟକ୍ଷ ବସନ୍ତ କୁମାର ବେହେରା ଛାତ୍ରୀଛାତ୍ରମାନଙ୍କୁ ବୁଝାଇଥିଲେ। ତେଣୁ ଆଗାମୀ ପୂଜା ପାର୍ବଣରେ କୌଣସି ପ୍ଲାଷ୍ଟିକ୍ ଜାତ ଦ୍ରବ୍ୟର ବ୍ୟବହାର ନ କରିବାକୁ ପିଲାମାନେ ସଙ୍କଳ୍ପ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସହକାରୀ ଶିକ୍ଷକ, ଶିକ୍ଷୟିତ୍ରୀ ସୁନିତା ଶତପଥୀ, ଗୀତା ମିଶ୍ର, ସୂର୍ଯ୍ୟକାନ୍ତ ବିଶ୍ୱାଳ ଉପସ୍ଥିତ ଥିଲେ।

## ଅଭିଜିତ ଆୟରଙ୍କ ନାମରେ କୋଣାର୍କ ଥାନାରେ ଆଉ ଏକ ଏତଲା

**କୋଣାର୍କ, ୨୪।୯(ଡି.ଏନ୍.ଏ.)**

କୋଣାର୍କ ମନ୍ଦିର ଏବଂ ଓଡ଼ିଶାର ସଂସ୍କୃତି ଓ ଐତିହ୍ୟ ବିରୋଧୀ ମନ୍ତବ୍ୟ ଦେଇଥିବା ଅଭିଜିତ୍ ଆୟର ମିତ୍ରଙ୍କ ନାମରେ ସୋମାବାର ନିଖିଳ ଉତ୍କଳ ଓଡ଼ୀଶି ସଂକୀର୍ତ୍ତନ ମହାସଂଘ ପକ୍ଷରୁ କୋଣାର୍କ ଥାନାରେ ଏକ ଏତଲା ଦିଆଯାଇଛି। ସଂଗଠନର ସଭାପତି ନାରାୟଣ ଖୁଣ୍ଟିଆ କୋଣାର୍କ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଆୟରଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ କୋଣାର୍କ ବାସୀଙ୍କ ନିକଟରେ ସେ କ୍ଷମା ପ୍ରାର୍ଥନା ନ କଲେ ସଂଘ ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ଖୁଣ୍ଟିଆ କହିଥିଲେ। ଏ ସମ୍ବନ୍ଧରେ କୋଣାର୍କ ଥାନାଧିକାରୀ ସଞ୍ଜୀବ କୁମାର ପ୍ରଧାନଙ୍କୁ ପଚାରିବାରେ ଏତଲା ହସ୍ତଗତ ହୋଇଛି। ଏହାର ବିଧିବଦ୍ଧ ତଦନ୍ତ କରାଯାଇ ପଦକ୍ଷେପ ନିଆଯିବ ବୋଲି ସେ କହିଥିଲେ।

# ଶ୍ରୀମନ୍ଦିର ସୁରକ୍ଷା ଯାଞ୍ଚ କଲା ଏନ୍‌ଏସ୍‌ଜି

**ପୁରୀ ଅଫିସ, ୨୪।୯**



ଯାଞ୍ଚ ହୋଇଛି ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥା। ନ୍ୟାଶନାଲ ସିକ୍ୟୁରିଟି ଗାର୍ଡ (ଏନ୍‌ଏସ୍‌ଜି)ର ତିନିଜଣିଆ ଟିମ୍ ଏହି ଯାଞ୍ଚ କରିଛନ୍ତି। ରବିବାର ରାତି ଏବଂ ସୋମବାର ସକାଳେ ଦୁଇଟି ପର୍ଯ୍ୟାୟରେ ଏହି ଯାଞ୍ଚ କରାଯାଇଥିବା ସୂଚନା ମିଳିଛି। ସୁରକ୍ଷା ଦୃଷ୍ଟିକୋଣରୁ ଏହା ଏକ ସମ୍ବେଦନଶୀଳ ପ୍ରସଙ୍ଗ ହୋଇଥିବାରୁ ସେମାନେ ଗୁପ୍ତ ଭାବେ ଯାଇ ଯାଞ୍ଚ କରିଥିବା ଜଣାପଡ଼ିଛି। ଏହି ତିନିଜଣିଆ ଟିମ୍ ରବିବାର ସନ୍ଧ୍ୟାରେ ପୁରୀରେ ପହଞ୍ଚି ସର୍କିଟ ହାଉସ୍‌ରେ ରହିଥିଲେ। ବିଳମ୍ବିତ ରାତିରେ ମନ୍ଦିରକୁ ଯାଇ ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିଥିଲେ। ସୂଚନାଯୋଗ୍ୟ, ଆତଙ୍କବାଦୀଙ୍କ ଟାର୍ଗେଟରେ ରହିଛି ଶ୍ରୀମନ୍ଦିର ଓ ଶ୍ରୀକ୍ଷେତ୍ର। ପ୍ରତିଦିନ ଶ୍ରୀମନ୍ଦିରକୁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଆସୁଥିବାରୁ ଏହାର ସୁରକ୍ଷା ବ୍ୟବସ୍ଥା ସୁଦୃଢ଼ ହେବା ଦରକାର। ୨୦୧୭ ଅଗଷ୍ଟ ୨୬ରେ ଏନ୍‌ଏସ୍‌ଜିର ୩ ଜଣିଆ ଟିମ୍ ଶ୍ରୀମନ୍ଦିରକୁ ଆସି ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିଥିଲେ। ଏହି ଯାଞ୍ଚର ୨ମାସ ପରେ ଶ୍ରୀମନ୍ଦିର ସୁରକ୍ଷା ନେଇ ଏନ୍‌ଏସ୍‌ଜି ରାଜ୍ୟ ସରକାରଙ୍କୁ କେତେକ ସୁପାରିସ ଦେଇଥିଲେ। ଶ୍ରୀମନ୍ଦିର ସେବାୟତ ଓ କର୍ମଚାରୀଙ୍କୁ ପରିଚୟ ପତ୍ର ପ୍ରଦାନ, ଶ୍ରୀମନ୍ଦିର ପ୍ରବେଶ ପଥରେ ମେଟାଲ ଡିଟେକ୍ଟର ଓ ସ୍କାନର ବ୍ୟବସ୍ଥା ସହ ଶ୍ରୀମନ୍ଦିର ଭିତରେ ଅଧିକ ଫୋର୍ସ ମୁତୟନ ଲାଗି ସୁପାରିସ କରିଥିଲା। ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ଥିବା ୪ଟି ୱାଚ ଟାୱାରକୁ ସୁଦୃଢ଼ୀକରଣ କରିବା ସହ ଶ୍ରୀମନ୍ଦିର ପ୍ରବେଶ ଓ ପ୍ରସ୍ଥାନକୁ ଅଲଗା କରିବା ଲାଗି ଏନ୍‌ଏସ୍‌ଜି କହିଥିଲା। ଏହାସହିତ ମେଘନାଦ ପାଚେରିକୁ ଲାଗି ରହିଥିବା ଦୋକାନ ଓ ବିଭିନ୍ନ ଗୃହକୁ ହଟାଇବାକୁ ସୁପାରିସ ଥିଲା। କିନ୍ତୁ ବର୍ଷେ ବିତିଯାଇଥିଲେ ମଧ୍ୟ ଏନ୍‌ଏସ୍‌ଜିର ସୁପାରିସ କାର୍ଯ୍ୟକାରୀ ହୋଇପାରି ନାହିଁ।




## ହବିଷିଆଳି ପଞ୍ଜୀକରଣ ପାଇଁ ଅକ୍ଟୋବର ପହିଲାରୁ ଦରଖାସ୍ତ ଆହ୍ୱାନ

**ପୁରୀ ଅଫିସ, ୨୪।୯**

ଆସନ୍ତା ଅକ୍ଟୋବର ୨୫ରୁ ଆରମ୍ଭ ହେବ ଧର୍ମମାସ କାର୍ତ୍ତିକ। କାର୍ତ୍ତିକ ବ୍ରତ ପାଳନ କରିବାକୁ ଶ୍ରୀକ୍ଷେତ୍ରକୁ ଆସିବେ ବହୁ ସଂଖ୍ୟାରେ ହବିଷିଆଳି। ୨୦୧୬ ମସିହାରୁ ରାଜ୍ୟ ସରକାର ହବିଷିଆଳିଙ୍କ ପାଇଁ ମାଗଣା ରହିବା ଓ ଖାଇବା ବ୍ୟବସ୍ଥା କରିଆସୁଛନ୍ତି। ଏଥିପାଇଁ ସୋମବାର ଜିଲାପାଳ ଜ୍ୟୋତିପ୍ରକାଶ ଦାସଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ନାମ ପଞ୍ଜୀକରଣ ପାଇଁ ଆସନ୍ତା ଅକ୍ଟୋବର ପହିଲାରୁ ୨୨ ତାରିଖ ପର୍ଯ୍ୟନ୍ତ ଦରଖାସ୍ତ ଆହ୍ୱାନ କରାଯିବ। ଇଚ୍ଛୁକ ହବିଷିଆଳିମାନେ ସମ୍ପୃକ୍ତ ଜିଲାର ଜିଲାପାଳଙ୍କ ସୁପାରିସ କ୍ରମେ ପୁରୀ ଜିଲା ପର୍ଯ୍ୟଟନ କାର୍ଯ୍ୟାଳୟ ଦରଖାସ୍ତ ଦାଖଲ କରିବେ।

## ପଦ୍ମ ତୋଳୁଥିବା ବେଳେ ପୋଖରୀରେ ବୁଡ଼ି ଜଣେ ମୃତ

**ବାଲିଅନ୍ତା,୨୪।୯(ଡି.ଏନ୍.ଏ.):** ବାଲିଅନ୍ତା ଥାନା ଅଧୀନ କୁଶଗାଡ଼ିଆ ମଠ ପୋଖରୀରେ ସୋମବାର ଅପରାହ୍ନରେ ପଦ୍ମ ତୋଳୁଥିବାବେଳେ ଗୋଡ଼ ଖସିଯିବାରୁ ବୁଡ଼ିଯାଉ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବେଣ୍ଟପୁର ନୂଆପାଟଣା ସାହିର ଲୋକନାଥ ବେହେରା(୫୨)। ନିକଟରେ ଥିବା ଅନ୍ୟଜଣେ ବ୍ୟକ୍ତି ଏହାଦେଖି ସ୍ଥାନୀୟ ଲୋକଙ୍କୁ ଜଣାଇଥିଲେ। ପରେ ଲୋକନାଥଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରି ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ।




୩୪
1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ମନକୁ ଯଦି କାମରେ ନ ଲଗାଇବ, ସେଥିରେ କଳଙ୍କି ଲାଗି ଶେଷରେ ଅକାମୀ ହୋଇଯିବ ।
-ସାର୍ ଜନ୍ ସାଇମନ

## ସଂକ୍ଷେପରେ

### ୨୦୦ ଅଭିଯୋଗ ଶୁଣିଲେ ଜିଲାପାଳ

ବଡ଼ମ୍ବା,୨୪।୯(ଡି.ଏନ.ଏ.): ବଡ଼ମ୍ବା ବ୍ଲକ ପରିସରରେ ସୋମବାର ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲାପାଳ ଅରବିନ୍ଦ ଅଗ୍ରୱାଲ ଅଧକ୍ଷତା କରି ମୋଟ୍ ୨୦୦ ଅଭିଯୋଗର ଶୁଣାଣି କରିଥିଲେ। ସେଥିରୁ ୧୯୨ ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ୮ଟି ଅଭିଯୋଗର ସମାଧାନ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗ ଗୁଡ଼ିକ ମଧ୍ୟରୁ ୧୯୯ ସାମୂହିକ ଓ ଗୋଟିଏ ବ୍ୟକ୍ତିଗତ ଥିଲା। ୩ଜଣ ଭିନ୍ନକ୍ଷମଙ୍କୁ ଟ୍ରାଇ ସାଇକେଲ ପ୍ରଦାନ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଜିଲା ଗ୍ରାମାଞ୍ଚଳ ଆରକ୍ଷୀ ଅଧୀକ୍ଷକ ମାଧବଚନ୍ଦ୍ର ସାହୁ, ଜିଲା ପ୍ରକଳ୍ପ ଅଧିକାରୀ, ସରୋଜ କାନ୍ତ ମହାନ୍ତି, ଉପଜିଲାପାଳ ଅମୀୟ କୁମାର ସାହୁ, ବିଡିଓ ସଦାନନ୍ଦ ସେଠୀ, ତହସିଲଦାର ଅନୀଲ କୁମାର ପଟ୍ଟନାୟକ, ବ୍ଲକ ଅଧକ୍ଷା ଅନୁସୂୟା ନାଏକ, ଉପାଧକ୍ଷ ସଦାନନ୍ଦ ସ୍ୱାଇଁ ଓ ମାଣିଆବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡ. ସଂକଳ୍ପ କେଶରୀ ଭୋଳଙ୍କ ସମେତ ବହୁ ଜିଲା ଏବଂ ବ୍ଲକସ୍ତରୀୟ ପଦାଧିକାରୀ ଉପସ୍ଥିତ ଥିଲେ।

### ବିଜେଡିକୁ ଜନ ଜାଗରଣ ମଞ୍ଚର ନିନ୍ଦା

**କଟକ ଅଫିସ, ୨୪।୯:** ପୂର୍ବତନ ଏମ୍‌ପି ବୈଜୟନ୍ତ ପଣ୍ଡାଙ୍କୁ ନେଇ ବିଜେଡି ରାଜ୍ୟରେ ଗଣତାନ୍ତ୍ରିକ ପରିବେଶକୁ ଅସୁସ୍ଥ କରୁଛି। ସୋମବାର ମଧୁପାଟଣାସ୍ଥିତ ପ୍ରମିଳାମଣ୍ଡପଠାରେ ଆୟୋଜିତ ଜନଜାଗରଣ ମଞ୍ଚ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀ ଜରିଆରେ ଏଭଳି ଅଭିଯୋଗ ଆଣିଛନ୍ତି ଏହାର ଆବାହକ ତଥା ଭାଜପା ନେତା ଚୌଧୁରୀ ପ୍ରଭାତ କେଶରୀ ମିଶ୍ର। ଅଭିଜିତ ଆୟର ମିତ୍ରଙ୍କ ମନ୍ତବ୍ୟକୁ ନେଇ ବୈଜୟନ୍ତଙ୍କୁ ବିବାଦରେ ଛନ୍ଦିବା ପାଇଁ ବିଜେଡି ଉଦ୍ୟମ କରୁଛି। ସେହିପରି ଚିଲିକାରେ ହେଲିକପ୍ଟର ଉଡାଣ ନେଇ ରାଜ୍ୟ ସରକାର କାର୍ଯ୍ୟାନୁଷ୍ଠାନ ନେବାକୁ ବ୍ୟଗ୍ର ହୋଇଉଠିଛନ୍ତି। ଏହାପଛର ମନ୍ଦ ଉଦ୍ଦେଶ୍ୟ ଥିବା ମିଶ୍ର କହିଛନ୍ତି। ବୈଜୟନ୍ତଙ୍କ ବିରୋଧରେ ଏଭଳି ଆକ୍ରୋଶମୂଳକ କାର୍ଯ୍ୟ ଜାରି ରହିଲେ ଜନ ଜାଗରଣ ମଞ୍ଚ ପକ୍ଷରୁ ତୀବ୍ର ପ୍ରତିବାଦ ପ୍ରଦର୍ଶନ କରାଯିବ ବୋଲି ମିଶ୍ର କହିଛନ୍ତି।

### ଅସ୍ଥାୟୀ ବିଦ୍ୟୁତ୍ କର୍ମଚାରୀଙ୍କ ଗଣଧାରଣା

**ଆଠଗଡ଼,୨୪।୯(ସ୍ୱ.ପ୍ର.):** ଓଡ଼ିଶା ପାୱାର ଏମ୍ପ୍ଲୋଇଜ ୟୁନିୟନ ଡାକରାରେ ରାଜ୍ୟର ବିଭିନ୍ନ ବିଦ୍ୟୁତ୍ ବିତରଣ ଡିଭିଜନରେ କାର୍ଯ୍ୟ କରୁଥିବା ଅସ୍ଥାୟୀ କର୍ମଚାରୀ ଗଣ ଆନ୍ଦୋଳନ ଆରମ୍ଭ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଆଠଗଡ଼ ସେସୁ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଆଗରେ ସୋମବାର ଗଣଧାରଣା ଦିଆଯାଇଛି। ଠିକା ଶ୍ରମିକ ପ୍ରଥା ଉଚ୍ଛେଦ, କାର୍ଯ୍ୟରତ ଶ୍ରମିକଙ୍କୁ ଭତ୍ତା, ଇପିଏଫ୍ ଓ ଇଏସଆଇ ପ୍ରଦାନ ବ୍ୟବସ୍ଥା, କାର୍ଯ୍ୟରତ ଶ୍ରମିକ ବିଦ୍ୟୁତ୍ ଆଘାତରେ ମୃତ୍ୟୁବରଣ କଲେ କିମ୍ବା ବିକଳାଙ୍ଗ ହେଲେ ପରିବାରର ଜଣଙ୍କୁ ସ୍ଥାୟୀ ନିଯୁକ୍ତି ଓ ଫ୍ରାଞ୍ଚାଇଜ ବ୍ୟବସ୍ଥା ତୁରନ୍ତ ବନ୍ଦ କରି ବିଦ୍ୟୁତ୍ ବିଭାଗ ନିଜେ ପରିଚାଳନା ଦାୟିତ୍ୱ ହାତକୁ ନେବା ଆଦି ଦାବି ନେଇ ଏହି ଗଣଧାରଣା ଦିଆଯାଇଛି। ରାଜ୍ୟ ସଭାପତି ଧୋବେଇ ସାହୁ ଓ ସମ୍ପାଦକ ବିରଞ୍ଚି ନାରାୟଣ ପ୍ରଧାନଙ୍କ ଆହ୍ୱାନକ୍ରମେ ଆଠଗଡ଼ ଅସ୍ଥାୟୀ କର୍ମଚାରୀ ଶାଖା ସମ୍ପାଦକ କାହ୍ନୁଚରଣ ସାହୁ, ସହକାରୀ ଡିଭିଜନ ସମ୍ପାଦକ ଶ୍ରୀନିବାସ ମହାପାତ୍ରଙ୍କ ନେତୃତ୍ୱରେ ଶତାଧିକ କର୍ମଚାରୀ ଧାରଣାରେ ସାମିଲ ହୋଇଛନ୍ତି। ଏଥିସହ ଏକ ଦାବିପତ୍ର ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟକୁ ପଠାଇଛନ୍ତି। ଏ ସମ୍ପର୍କରେ ନିର୍ବାହୀଯନ୍ତ୍ରୀ ଲକ୍ଷ୍ମୀକାନ୍ତ ରାଉତ କହିଛନ୍ତି, ଶ୍ରମିକଙ୍କ ସମସ୍ୟା ସମ୍ପର୍କରେ ଉଚ୍ଚକର୍ତ୍ତୃପକ୍ଷ ଅବଗତ ଅଛନ୍ତି। କେନ୍ଦ୍ରୀୟସ୍ତରରେ ଯାହା ନିଷ୍ପତ୍ତି ଗ୍ରହଣ କରାଯିବ ସେହି ଅନୁଯାୟୀ ଶ୍ରମିକମାନେ ସେମାନଙ୍କ ଅଧିକାର ପାଇବେ।

**ସାଲେପୁର,(ଡି.ଏନ.ଏ.):** ୧୧ ଦଫା ଦାବି ନେଇ ସାଲେପୁର ବିଦ୍ୟୁତ୍ ଡିଭିଜନ୍ ଅଧୀନରେ କାର୍ଯ୍ୟରତ ଠିକା ଶ୍ରମିକମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି। ଆନ୍ଦୋଳନକାରୀ ସାଲେପୁର ସେସୁ ଡିଭିଜନ୍ କାର୍ଯ୍ୟାଳୟ ସମ୍ମୁଖରେ ବସି ରହିଛନ୍ତି। ୟୁନିୟନ୍ ପକ୍ଷରୁ ବିଭାଗୀୟ ମନ୍ତ୍ରୀ ଓ ଉଚ୍ଚକର୍ତ୍ତୃପକ୍ଷଙ୍କ ସହ ବହୁବାର ଆଲୋଚନା କରାଯାଇଥିଲେ ମଧ କୌଣସି ସୁଫଳ ନ ମିଳିବାରୁ ଏହି ଆନ୍ଦୋଳନ କରାଯାଇଥିବା କୁହାଯାଇଛି। ଆନ୍ଦୋଳନରେ ଜୀବନାନନ୍ଦ ଜେନା, ଦେବାଶିଷ ଷଡ଼ଙ୍ଗୀ, ରାକେଶ ତ୍ରିପାଠୀ, ନିରଞ୍ଜନ ବେହେରା, ସିଦ୍ଧେଶ୍ୱର ମହାନ୍ତି, ସୋମନାଥ ମହନ୍ତ, ସନ୍ଦୀପ ପାତ୍ର, ଗଗନ ବିହାରୀ ଜେନା, ରାଜେଶ ଦାସ, ଗୁରୁଦତ୍ତ ସାହୁ ଓ ଶିବପ୍ରସାଦ ମହାନ୍ତିଙ୍କ ସମେତ ବହୁ କର୍ମଚାରୀ ସାମିଲ୍ ହୋଇଛନ୍ତି।

# ବିଗିଡ଼ି ଯାଇଛି ପରିମଳ ବ୍ୟବସ୍ଥା

ତିଗିରିଆ,୨୪।୯(ଡି.ଏନ.ଏ.)

ତିଗିରିଆ ବ୍ଲକରେ ଥିବା ବିନ୍ଧାଣିମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ପରିମଳ ବ୍ୟବସ୍ଥା ବିଗିଡ଼ି ଯାଇଛି। ଫଳରେ ରୋଗୀ ଓ କର୍ମଚାରୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବ୍ଲକର ଏହା ମୁଖ୍ୟ ଚିକିତ୍ସାଳୟ ହୋଇଥିବାରୁ ଦୈନିକ ଶହଶହ ରୋଗୀ ଆସୁଛନ୍ତି। ତେବେ ବିପର୍ଯ୍ୟସ୍ତ ପରିମଳ ବ୍ୟବସ୍ଥା ଯୋଗୁ ସମସ୍ତେ ଅସନ୍ତୋଷ ପ୍ରକାଶ କରୁଛନ୍ତି। କେନ୍ଦ୍ର ସରକାର ବାହାରେ ମଳତ୍ୟାଗ ବନ୍ଦ କରିବା ପାଇଁ ଯୋଜନା କରୁଥିବା ବେଳେ ଏଠାରେ ତାହାର ବ୍ୟତିକ୍ରମ ଦେଖିବାକୁ ମିଳିଛି । ଏଠାରେ ରୋଗୀଙ୍କ ପାଇଁ ଶୌଚାଳୟ ନିର୍ମାଣ କରାଯାଇଛି। ହେଲେ ତାହାର ରକ୍ଷଣାବେକ୍ଷଣ କରାଯାଉ ନାହିଁ। ଫଳରେ ଏବେ ସେଠାରେ ଡାକ୍ତରଖାନା ବର୍ଜ୍ୟବସ୍ତୁ ପକାଯାଉଛି। ପରିବେଶ ଦୂଷିତ ହୋଇଥିବାରୁ ରୋଗୀ ବାହାରକୁ ଶୌଚ ହେବାକୁ ଯାଉଛନ୍ତି। ଶୌଚାଳୟରେ



- ବିନ୍ଧାଣିମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର
- ହେଉନି ରୋଗୀ କଲ୍ୟାଣ ସମିତି ବୈଠକ
- ଅସୁବିଧା ଭୋଗୁଛନ୍ତି ରୋଗୀ ଓ କର୍ମଚାରୀ

ଅବ୍ୟବହୃତ ସାମଗ୍ରୀ ରଖିବା ଦ୍ୱାରା ବିଷାକ୍ତ ସାପ ରହୁଥିବା ଜଣେ ମହିଳା କର୍ମଚାରୀ ଅଭିଯୋଗ କରିଛନ୍ତି। ଉକ୍ତ ସ୍ଥାନରେ ବିଦ୍ୟୁତ୍ ବ୍ୟବସ୍ଥା ନ ଥିବାରୁ ରାତିରେ ସାପ ଭୟ ରୋଗୀ ଓ କର୍ମଚାରୀଙ୍କୁ ଘାରୁଛି। ଏ ସମ୍ପର୍କରେ ସ୍ଥାନୀୟ ସରପଞ୍ଚ ଅଜିତ ରାଉତ କହିଛନ୍ତି, ପ୍ରତିବର୍ଷ ରୋଗୀ କଲ୍ୟାଣ ସମିତି ମାଧ୍ୟମରେ ଲକ୍ଷାଧିକ ଟଙ୍କା ପାନୀୟ ଜଳ ଯୋଗାଣ ଓ ରକ୍ଷଣାବେକ୍ଷଣ ପାଇଁ ଆସୁଛି। ହେଲେ ଏଠାରେ ୩ ବର୍ଷ ହେଲା ରୋଗୀ କଲ୍ୟାଣ ସମିତି ବୈଠକ ହେଉ ନ ଥିବାରୁ ତାହାଖର୍ଚ୍ଚ ନ ହୋଇ ପଡି ରହିଛି। ଏଥି ପ୍ରତି ସ୍ଥାନୀୟ ବିଧାୟକ ଦୃଷ୍ଟି ଦେଲେ ତାହା ହୋଇପାରିବ ବୋଲି ସେ କହିଛନ୍ତି। ବିନ୍ଧାଣିମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସାଧିକାରୀ ଡା. ମାନସ ରଞ୍ଜନ ପାଣି କହିଛନ୍ତି, ବ୍ଲକ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଓ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀଙ୍କୁ ଏ ନେଇ ଅବଗତ କରାଯାଇଛି। ଖୁବ୍‌ଶୀଘ୍ର ଏହାର ସମାଧାନ କରାଯିବ।

## ୨୦୦ରୁ ଅଧିକ ଭାଜପା କର୍ମୀ ବିଜେଡିରେ ସାମିଲ

ଭୁବନେଶ୍ୱର,୨୪।୯(ବ୍ୟୁରୋ)

ବଡ଼ମ୍ବା–ନରସିଂହପୁର ବିଧାନସଭା ନିର୍ବାଚନମଣ୍ଡଳୀର ୨୦୦ରୁ ଅଧିକ ଭାଜପା କର୍ମୀ ସୋମବାର ବିଜେଡିରେ ସାମିଲ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ସରୋଜ କୁମାର ପଟ୍ଟନାୟକ, ଆୟୁଷ୍ମାନ ପଟ୍ଟନାୟକ ଓ ଅବିନାଶ ପଟ୍ଟନାୟକ ରହିଛନ୍ତି। ସମସ୍ତ କର୍ମୀଙ୍କୁ ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ୱାଗତ କରିଥିଲେ। ମିଶ୍ରଣ ପରେ ଏସମ୍ପର୍କରେ ମନ୍ତବ୍ୟ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବଡମ୍ବା–ନରସିଂହପୁର ନିର୍ବାଚନ ମଣ୍ଡଳୀର ଭାଜପା କର୍ମୀମାନେ ଦଳରେ ଯୋଗ ଦେଇଥିବାରୁ ମୁଁ ବହୁତ ଖୁସି। ଏହି ଯୋଗଦାନ କଟକ ଜିଲ୍ଲାରେ ଦଳର ଶକ୍ତି ବୃଦ୍ଧି ହେବାରେ ସହାୟକ ହେବ। ସଦ୍ୟ ବିଜେଡିରେ ସାମିଲ ହୋଇଥିବା ସରୋଜ କହିଛନ୍ତି ଯେ, ମୁଁ ବିଜୁ ପଟ୍ଟନାୟକଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ମୋର ଛାତ୍ର ଜୀବନରେ ରାଜନୀତି ଆରମ୍ଭ କରିଥିଲି। ଓଡ଼ିଶାରେ ଯଦି ବିକାଶ ହେଉଛି, ତାହା କେବଳ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଯୋଗୁ ବୋଲି ସରୋଜ କହିଛନ୍ତି। ମିଶ୍ରଣ ପର୍ବରେ ବଡମ୍ବା–ନରସିଂହପୁର ବିଧାୟକ ଦେବୀ ମିଶ୍ର ପ୍ରମୁଖ ଉପସ୍ଥିତ ରହିଥିଲେ।



ଦଳରେ ସାମିଲ ହୋଇଥିବା କର୍ମୀ ମୁଖ୍ୟମନ୍ତ୍ରୀଙ୍କୁ ଅଭିନନ୍ଦନ ଜଣାଉଛନ୍ତି।

### ସାପ କାମୁଡ଼ାରେ ୨ ଗୁରୁତର

ଲଳିତଗିରି,୨୪।୯(ସ୍ୱ.ପ୍ର.)

ମାହାଙ୍ଗା ବ୍ଲକ ବରାହିପୁର ପଞ୍ଚାୟତ ମଝି ବରାହିପୁର ଗ୍ରାମର ପ୍ରଫୁଲ୍ଲ ଦାସ(୪୫) ଓ ଯଶୁଆପୁର ଗ୍ରାମର ବଟକୃଷ୍ଣ ରାଉତ (୫୪) ସୋମବାର ସାପ କାମୁଡ଼ାରେ ଗୁରୁତର ହୋଇଛନ୍ତି। ସକାଳେ ପ୍ରଫୁଲ୍ଲ ବାଡିକୁ ପରିବା ତୋଳିବାକୁ ଯାଇଥିବା ସମୟରେ ଏକ ବିଷଧର ସାପ ତାଙ୍କୁ କାମୁଡି ଦେଇଥିଲା। ଏହା ଜଣାପଡ଼ିବା ପରେ ପରିବାରେ ଲୋକେ ତାଙ୍କୁ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡ ମେଡିକାଲ ସ୍ଥାନାନ୍ତର କରାଯାଇଛି। ସେହିପରି ବଟକୃଷ୍ଣ ଧାନ ବିଲରେ ଔଷଧ ପକାଉଥିବାବେଳେ ତାଙ୍କୁ ଏକ ବିଷଧର ସାପ କାମୁଡି ଦେଇଥିଲା। ତାଙ୍କୁ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଉଛି।

## ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

ନରସିଂହପୁର,୨୪।୯(ସ୍ୱ.ପ୍ର.)

ନରସିଂହପୁର ଥାନା ପାଇକପଡ଼ା ପାଟଣା ଦଳିତ ସାହିରେ ରବିବାର ରାତିରେ ଜଣେ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତ ମହିଳା ହେଲେ ଗ୍ରାମର ସୁନୀଲ ନାଏକ(୩୦)ଙ୍କ ଦ୍ୱିତୀୟ ସ୍ତ୍ରୀ କୁନି ମଲିକ(୧୮)। ସୋମବାର ସୁନୀଲ ସ୍ତ୍ରୀ ମୃତ୍ୟୁ ନେଇ ଥାନାରେ ଜଣାଇବା ପରେ ପୋଲିସ ସୁନୀଲ ଓ ତାଙ୍କ ବାପା ପ୍ରଭାକର ନାଏକଙ୍କୁ ଅଟକ ରଖି ପଚରା ଉଚରା କରୁଛି। ହେଲେ ଏ ନେଇ ଥାନାରେ କୌଣସି ଲିଖିତ ଅଭିଯୋଗ ହୋଇନାହିଁ। ମହିଳାଙ୍କ ପରିବାର ଲୋକେ ଆସି ନ ଥିବାରୁ ମୃତଦେହ ବ୍ୟବଚ୍ଛେଦ ନ ହୋଇ ପଡ଼ିରହିଛି। ପ୍ରାପ୍ତ ସୂଚନା ଅନୁସାରେ, ସୁନୀଲଙ୍କ ପରିବାର ସ୍ଥାନୀୟ ମଡେଲ ସ୍କୁଲ ନିକଟରେ ଥିବା ଏକ ପରିତ୍ୟକ୍ତ ଘରେ ଦୀର୍ଘ ବର୍ଷ ହେବ ରହୁଛନ୍ତି। ସୁନୀଲ ଗତ ୫ବର୍ଷ ତଳେ ବିବାହ କରିଥିଲେ। ତାଙ୍କର ଏକ ତିନିବର୍ଷର ଝିଅ ଅଛି। ଏହାପରେ ବର୍ଷେ ତଳେ ପୁଣି ସୁନୀଲ ଜଗତପୁର ଅଞ୍ଚଳର କୁନି ମଲିକଙ୍କୁ ପ୍ରେମକରି ଦ୍ୱିତୀୟ ବିବାହ କରିଥିଲେ। ବିବାହ ପରଠାରୁ ସୁନୀଲ ଓ କୁନିଙ୍କ ମଧ୍ୟରେ ଝଗଡା ଲାଗି ରହୁଥିଲା। ଏପରି କି ଗତ ୬ମାସ ହେଲା କୁନି ରାଗରେ ଯାଇ ବାପଘରେ ରହୁଥିଲେ। ତିନିଦିନ ତଳେ ସୁନୀଲଙ୍କ ପାଖକୁ ଆସିଥିଲେ। ସୋମବାର ସକାଳୁ ସୁନୀଲ ରହୁଥିବା ଘର ଭିତରେ କୁନି ମରିପଡିଥିବା ଦେଖାଯାଇଥିଲା। ଏପରି କି ସୁନୀଲ ନିଜେ ଥାନାକୁ ଯାଇ କୁନି ବିଷପିଇ ଆତ୍ମହତ୍ୟା କରିଥିବା କହିଥିଲେ। ପୋଲିସ୍ ଘଟଣାସ୍ଥଳକୁ ଆସି ମୃତଦେହ ଜବତ କରିଛି। ସୁନୀଲ ପରିବାର ଲୋକଙ୍କ କହିବା ଅନୁଯାୟୀ କୁନି ବାପ ଘରୁ ଆସିବା ଦିନଠାରୁ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ଝଗଡା ଲାଗି ରହିଥିଲା। ତେବେ ଏହି କାରଣରୁ କୁନି ଆତ୍ମହତ୍ୟା କରି ଥାଇପାରନ୍ତି ବୋଲି ସେମାନେ ସନ୍ଦେହ କରୁଛନ୍ତି। ଅନ୍ୟପକ୍ଷରେ କୁନି ବିଷପିଇ ଆତ୍ମହତ୍ୟା କରିଛନ୍ତି କିମ୍ବା ତାଙ୍କୁ ହତ୍ୟା କରାଯାଇଛି ତାହା ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ଜଣାପଡ଼ିବ। ତେବେ ଲିଖିତ ଏତଲା ହେବାପରେ ତଦନ୍ତ କରାଯିବା ସହ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନା ଅଧିକାରୀ ନିହାର ରଞ୍ଜନ ମହାନ୍ତି ସୂଚନା ଦେଇଛନ୍ତି।

### ଡାଇରିଆରେ ବୃଦ୍ଧା ମୃତ, ୫ ଆକ୍ରାନ୍ତ

ଲଳିତଗିରି,୨୪।୯(ସ୍ୱ.ପ୍ର.)

ଡାଇରିଆରେ ଆକ୍ରାନ୍ତ ହୋଇ ମାହାଙ୍ଗା ବ୍ଲକ ପାଇକରାପୁର ପଞ୍ଚାୟତ ବ୍ରାହ୍ମଣ ମଣିଯୋରୀ ଗ୍ରାମର ହେମଲତା ନାୟକ(୭୦)ଙ୍କ ରବିବାର ମୃତ୍ୟୁ ଘଟିଛି। ସେ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିଲେ। ଏଥିସହ ମଧୁପୁର ଗ୍ରାମର ରୁକସାନ ବେଗମ(୫୦), ମାହାଙ୍ଗା ବଗାର ଗ୍ରାମର ଜିତେନ୍ଦ୍ର କୁମାର ଜେନା(୫), ବରାହିପୁର ଗ୍ରାମର ଶୁଭଲକ୍ଷ୍ମୀ ସ୍ୱାଇଁ(୨୭), ଉଷୁମା ଗ୍ରାମର ରୁପେନ୍ଦ୍ର ସେଠୀ (୭୦), ଓ ଜଳେଶ୍ୱରପୁର ଗ୍ରାମର କୃଷ୍ଣଚନ୍ଦ୍ର ବେହେରା(୫୭)ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଛନ୍ତି। ତୁରନ୍ତ ଏହି ଗ୍ରାମଗୁଡିକୁ ଡାକ୍ତରୀ ଦଳ ପଠାଇ ଚିକିତ୍ସା ସେବା ଯୋଗାଇ ଦେବାକୁ ଦାବି ହୋଇଛି।

## ବୃଦ୍ଧଙ୍କୁ ଚାପିଦେଲା ହାଇୱା: କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ

ବାଙ୍କୀ,୨୪।୯(ସ୍ୱ.ପ୍ର.)

**ବାଙ୍କୀ-ତୁଳସୀପୁର ମୁଖ୍ୟରାସ୍ତା**

ବାଙ୍କୀ–ତୁଳସୀପୁର ମୁଖ୍ୟରାସ୍ତାର ଭୋକା ଶଙ୍ଖ ନିକଟରେ ସୋମବାର ଅପରାହ୍ନ ୫ଟାରେ ଏକ ବାଲି ବୋଝେଇ ହାଇୱା ଜଣେ ବୃଦ୍ଧଙ୍କୁ ଚାପି ଦେଇଛି। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ଢଁସର ପାଟଣା ସାହିର ଦୀନବନ୍ଧୁ ସ୍ୱାଇଁ (୬୪)। ଦୀନବନ୍ଧୁ ମଜୁରି ଲାଗି ସାଇକେଲ୍‌ରେ ଘରକୁ ଫେରୁଥିଲେ। ଏହି ସମୟରେ ସିଙ୍ଗର ଆଡୁ ଆସୁଥିବା ହାଇୱା ଭାରସାମ୍ୟ ହରାଇ ଦୀନବନ୍ଧୁଙ୍କୁ ଧକ୍କା ଦେଇଥିଲା। ଯଦ୍ଦ୍ୱାରା ସେ ତଳେ ପଡ଼ି ଯାଇଥିଲେ। ଏହାପରେ ହାଇୱା ତାଙ୍କ ଉପରେ ଚଢ଼ି ଯାଇଥିଲା। ଏହି ଘଟଣାପରେ ହାଇୱା ଚାଳକ ଗାଡ଼ି ନେଇ ଫେରାର ହୋଇ ଯାଉଥିଲେ। ଢଁସରଠାରେ ଗ୍ରାମବାସୀ ଗାଡିକୁ କାବୁ କରିଥିଲେ। ପରେ ବାଙ୍କୀ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଗାଡିକୁ ଜବତ କରିଛି। ଚାଳକ ଅଟକ ଅଛନ୍ତି। ଅନ୍ୟପକ୍ଷରେ ଏହି ଘଟଣାକୁ ନେଇ ସ୍ଥାନୀୟଲୋକେ ଉତ୍ତ୍ୟକ୍ତ ହୋଇ ସନ୍ଧ୍ୟା ୬ଟାରେ ଢଁସରଠାରେ ରାସ୍ତା ଅବରୋଧ କରିଥିଲେ। ମୃତକଙ୍କ ପରିବାରକୁ ୨୫ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ସେମାନେ ଦାବି କରିଥିଲେ। ଘଟଣାକୁ ନେଇ ସେଠାରେ ତୀବ୍ର ଉତ୍ତେଜନା ଲାଗି ରହିଥିଲା। ମୃତକଙ୍କ ପରିବାରକୁ କ୍ଷତିପୂରଣ ନ ମିଳିଲେ ଗ୍ରାମବାସୀ ରାସ୍ତା ଅବରୋଧରୁ ହଟିବେ ନାହିଁ ବୋଲି ଜିଦି ଧରିଥିଲେ। ଖବର ପାଇ ଘଟଣାସ୍ଥଳରେ ବାଙ୍କୀ ଉପଖଣ୍ଡ ପୋଲିସ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପ୍ରଧାନ ଓ ଆଇଆଇସି ସମୀର କୁମାର ପଣ୍ଡା ପହଞ୍ଚି ଗ୍ରାମବାସୀଙ୍କୁ ବୁଝାଶୁଝା କରିଥିଲେ। ଖବର ଲେଖାହେବା ବେଳକୁ ରାସ୍ତା ଅବରୋଧ ଜାରି ରହିଥିଲା।

## ଅଗ୍ନିଶମ ବାହିନୀ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

ନରସିଂହପୁର,୨୪।୯(ସ୍ୱ.ପ୍ର.)

୬ଦଫା ଦାବି ନେଇ ଅଗ୍ନିଶମ କର୍ମଚାରୀମାନେ ସୋମବାରଠାରୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି। ଏହି ଆନ୍ଦୋଳନରେ ନରସିଂହପୁର ବ୍ଲକର ବାଲିଝାରୀ ଓ ନରସିଂହପୁର ଅଗ୍ନିଶମ ବାହିନୀ କର୍ମଚାରୀ ସାମିଲ ହୋଇଛନ୍ତି। ଅଗ୍ନିଶମ ବାହିନୀ କର୍ମଚାରୀଙ୍କୁ ଓଡିଶା ପୋଲିସ୍ କର୍ମଚାରୀଙ୍କ ଭଳି ସମାନ ଦରମା, ନିଜ ଜିଲାରେ ନିଯୁକ୍ତି, ଖାଲି ପଡିଥିବା ପଦବୀ ପୂରଣ, ଅବସରପ୍ରାପ୍ତ କର୍ମଚାରୀଙ୍କୁ ତୁରନ୍ତ ପେନସନ ଓ ଅଗ୍ନିଶ ମବାହିନୀ କର୍ମଚାରୀ ସଂଘକୁ ସରକାରୀ ପଞ୍ଜୀକରଣ ମାନ୍ୟତା ଆଦି ଦାବି ରହିଛି। ଦାବି ପୂରଣ ନହେବା ଯାଏ ଆନ୍ଦୋଳନ ଜାରି ରହିବ ବୋଲି କୁହାଯାଇଛି।



ସାଲେପୁର ଅଗ୍ନିଶମ କର୍ମଚାରୀ କାର୍ଯ୍ୟବନ୍ଦ ଆନ୍ଦୋଳନ କରୁଛନ୍ତି।

**ସାଲେପୁର,(ଡି.ଏନ.ଏ.):** ସାଲେପୁର ଅଗ୍ନିଶମ ବାହିନୀ କର୍ମଚାରୀଙ୍କ ପକ୍ଷରୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯାଇଛି। ଏହି ଆନ୍ଦୋଳନରେ ମୁଖ୍ୟ ଆଗ୍ନିକ ଅଶୋକ କୁମାର ନାୟକ, ବିସନ ଚନ୍ଦ୍ର ସିଂ, ଆଗ୍ନିକ ଚିତ୍ତରଞ୍ଜନ ସ୍ୱାଇଁ, ସ୍ମିତରଞ୍ଜନ ମହାନ୍ତି, ରବୀନ୍ଦ୍ରନାଥ ଲେଙ୍କା, ସବ୍ୟସାଚୀ ମୁଦୁଲି, ସୁଜିତ୍ କୁମାର ସାହୁ, ଗାଡ଼ିଚାଳକ ଉମାକାନ୍ତ ସାହୁ ଓ ଗାଡ଼ିଚାଳକ ଅଜୟ କୁମାର ସାହୁ ପ୍ରମୁଖ ସାମିଲ୍ ହୋଇଛନ୍ତି। ଅନ୍ୟପକ୍ଷରେ ଆନ୍ଦୋଳନ ଯୋଗୁ ଜରୁରିକାଳୀନ ସେବା ପ୍ରଦାନରେ ବିଭ୍ରାଟ ସୃଷ୍ଟି ହୋଇଛି। ସାଲେପୁର ଅଗ୍ନିଶମ ବିଭାଗକୁ କାର୍ଯ୍ୟରତ ହୋମଗାର୍ଡମାନେ ତୁଲାଉଥିବା ଜଣାପଡ଼ିଛି।

**ବଡ଼ମ୍ବା,(ଡ.ଏନ.ଏ.):** ବଡ଼ମ୍ବା ଅଗ୍ନିଶମ ବାହିନୀ କର୍ମଚାରୀଙ୍କ ପକ୍ଷରୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯାଇଛି। ଅଗ୍ନିସେବା କେନ୍ଦ୍ରର ମୁଖ୍ୟ ଆଗ୍ନିକ ପ୍ରଶାନ୍ତ ସାମଲ, ସୁବାସ ଭୂୟାଁ, ଆଗ୍ନିକ ସୋମନାଥ ମଲ୍ଲିକ, ସୁନୀଲ୍‌ଦାସ, ରମେଶ ସାହୁ, ଜ୍ୟୋତିରଞ୍ଜନ ଜେନା, ବିଶ୍ୱଜିତ୍ ନାୟକ, ରୁକୁ ମାରାଣ୍ଡି, ପ୍ରଭଞ୍ଜନ ବେହେରା, ସୁଶାନ୍ତ ସିଂହ, ଗାଡ଼ି ଚାଳକ ଅନ୍ତର୍ଯ୍ୟାମୀ ମହାପାତ୍ର ଓ ପ୍ରଶନ୍ନ କୁମାର ସାହୁ ପ୍ରମୁଖ ସାମିଲ ହୋଇଛନ୍ତି।


### ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ metroselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।




### ସେଲ୍‌ଫି କର୍ନର



@ ସୌମ୍ୟ



@ ବିଦ୍ୟୁତ୍



@ ସୁଦର୍ଶନ



@ ସ୍ୱପ୍ନା



@ ଆଶୁ



@ ଅଶୋକ

ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | metroselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)



ମନକୁ ଯଦି କାମରେ ନ ଲଗାଇବ, ସେଥିରେ କଳଙ୍କି ଲାଗି ଶେଷରେ ଅକାମୀ ହୋଇଯିବ ।

-ସାର୍ ଜନ୍ ସାଇମନ



## ସଂକ୍ଷେପରେ

### ୩ ଗିରଫ: ୪ ବାଇକ୍ ଜବତ

**କଟକ ଅଫିସ,୨୪।୯:** ବିଡାନାସୀ ପୋଲିସ ଏକ ବାଇକ ଚୋର ଗ୍ୟାଙ୍ଗକୁ ଠାବ କରିଛି। ଏହି ଘଟଣାରେ ସୋମବାର ଗ୍ୟାଙ୍ଗର ୩ ଜଣ ସଦସ୍ୟଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିବାବେଳେ ଜଣେ ନାବାଳକଙ୍କୁ କାବୁ କରି ବାଳସୁଧାର ଗୃହକୁ ପଠାଯାଇଛି। ଗିରଫ ଅଭିଯୁକ୍ତ ହେଲେ ବିଡାନାସୀ ଥାନା ଅନ୍ତର୍ଗତ ତୁଳସୀପୁର ଶ୍ରୀବିହାର କଲୋନୀ ଅଞ୍ଚଳର ସମୀର ନାୟକ ଓରଫ ଟିଅନ (୧୯), ଖ୍ରୀଷ୍ଟିଆନ ସାହି ଅଞ୍ଚଳର ଷ୍ଟିଫେନ ବେହେରା ଓରଫ ବବ୍ଲୁ(୧୯), ଗୋପାଳସାହି ଅଞ୍ଚଳର ସରୋଜ କୁମାର ସିଂ ଓରଫ ବିନୁ(୨୫)। ସେମାନଙ୍କ ଠାରୁ ପୋଲିସ ୪ଟି ବାଇକ୍ ଜବତ କରିଛି। ଏ ନେଇ ଥାନାରେ ଏକ ମାମଲା(ନଂ.୧୧୩/୧୮) ରୁଜୁ ହୋଇଛି। ସୂଚନା ଅନୁଯାୟୀ, ଗତ ସେପ୍ଟେମ୍ବର ୧୫ ତାରିଖରେ ବିଡାନାସୀ ଥାନା ଅନ୍ତର୍ଗତ ଦେଉଳ ସାହି ଅଞ୍ଚଳରେ ରହୁଥିବା ଜିତେନ୍ଦ୍ର ନାୟକଙ୍କର ଏକ ବାଇକ ଚୋରି ହୋଇଥିଲା। ରାତିରେ ସେ ଘର ସମ୍ମୁଖରେ ବାଇକ ରଖି ଶୋଇଥିବାବେଳେ ଚୋରି ହୋଇଯାଇଥିଲା। ଏ ନେଇ ସେ ବିଡାନାସୀ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ କରି ପ୍ରଥମେ ଟିଅନଙ୍କୁ ଗିରଫ କରିଥିଲା। ପରେ ତାଙ୍କୁ ପଚାଉଚରା କରାଯିବାରୁ ଉକ୍ତ ନାବାଳକ ସମେତ ଗ୍ୟାଙ୍ଗର ଅନ୍ୟ ଦୁଇଜଣ ସଦସ୍ୟଙ୍କ ସମ୍ପର୍କରେ ପୋଲିସ ଜାଣିବାକୁ ପାଇଥିଲା। ସମସ୍ତଙ୍କୁ ଗିରଫ କରି ପଚରାଉଚା ପରେ ସେମାନେ ବାଇକ୍ ଚୋରି କରୁଥିବା ମାନିବା ସହ ଉପରୋକ୍ତ ବାଇକଗୁଡିକ ସମ୍ପର୍କରେ ସୂଚନା ଦେଇଥିଲେ।

### ଯୁବକଙ୍କୁ ଆକ୍ରମଣ ଘଟଣା: ଅଭିଯୁକ୍ତ ଗିରଫ

**କଟକ ଅଫିସ,୨୪।୯:** ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରିବା ଘଟଣାରେ ମାଲଗୋଦାମ ପୋଲିସ ସ୍ଥାନୀୟ ରାଣୀହାଟ କେନାଲରୋଡ ଅଞ୍ଚଳର ଭିମା ରାଓ(୪୩)ଙ୍କୁ ସୋମବାର ଗିରଫ କରି କୋର୍ଟଚାଲାଣ କରିଛି। ଏଥିସହ ତାଙ୍କଠାରୁ ରକ୍ତ ଭିଜା ଛୁରି ଓ ଦୁଇଟି ଅଟୋ(ଓଡି୦୫ପି-୪୦୨୬, ଓଡି୦୫ଏବି-୪୯୬୪) ଜବତ କରିଛି। ଏ ନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି। ଗତ ଶୁକ୍ରବାର ରାତି ୧୦ଟାରେ କେନାଲରୋଡ ଅଞ୍ଚଳରେ ରହୁଥିବା ଶ୍ୟାମ ମୁର୍ମୁ ଘରକୁ ଫେରୁଥିଲେ। ରାଣୀହାଟ ଛକ ନିକଟରେ ଭିମା ଏବଂ ତାଙ୍କର କେତେଜଣ ସହଯୋଗୀ ତାଙ୍କୁ ସଂଘବଦ୍ଧ ଭାବେ ଛୁରିରେ ଆକ୍ରମଣ କରି ପଳାଇ ଯାଇଥିଲେ। ପରେ ସ୍ଥାନୀୟ ଲୋକେ ଶ୍ୟାମଙ୍କୁ ଉଦ୍ଧାର କରି ଏସ୍‌ସିବି ମେଡିକାଲରେ ଭର୍ତ୍ତି କରିଥିଲେ। ଏ ନେଇ ଶ୍ୟାମଙ୍କ ସ୍ତ୍ରୀ ଦୁର୍ଗା ମୁର୍ମୁ ଶନିବାର ମାଲଗୋଦାମ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା।

### ସାପ କାମୁଡ଼ାରେ ଚାଷୀଙ୍କ ମୃତ୍ୟୁ

**ଖୁଣ୍ଟୁଣୀ,୨୪।୯(ଡି.ଏନ୍.ଏ.):** ଖୁଣ୍ଟୁଣୀ ଥାନା ଡାଲଭାଗ ପଞ୍ଚାୟତର ଛେନାଖିଆ ନୂଆଗାଁ ଗ୍ରାମର ଚାଷୀ ବିକଳ ଖଟୁଆ(୫୨)ଙ୍କ ସାପ କାମୁଡ଼ାରେ ରବିବାର ମୃତ୍ୟୁ ଘଟିଛି। ଜମିରେ ପାଣି ମଡାଇବାକୁ ଯାଇଥିବା ବେଳେ ତାଙ୍କର ମୃତ୍ୟୁ ହୋଇଛି। ସୂଚନା ଅନୁଯାୟୀ, ବିକଳ ଭାଗରେ ଆଣିଥିବା ଜମିକୁ ପାଣି ମଡାଇବାକୁ ଯାଇଥିଲେ। ପାଣି ମଡାଇବା ବେଳେ ତାଙ୍କୁ ଏକ ସାପ କାମୁଡିବା ପରେ ଆସି ଘର ଲୋକଙ୍କୁ ଜଣାଇଥିଲେ। ଏହାପରେ ଚିକିତ୍ସା ପାଇଁ ତାଙ୍କୁ ଆଠଗଡ ମେଡିକାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ଆଠଗଡ ପୋଲିସ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ପୋଲିସ ଏ ସମ୍ପର୍କରେ ଏକ ଅପମୃତ୍ୟୁ ମାମଲା (ନଂ.୩୬/୧୮)ରୁଜୁ କରିଛି।

### ବିଜେଡିକୁ ଜନ ଜାଗରଣ ମଞ୍ଚର ନିନ୍ଦା

**କଟକ ଅଫିସ, ୨୪।୯:** ପୂର୍ବତନ ଏମ୍‌ପି ବୈଜୟନ୍ତ ପଣ୍ଡାଙ୍କୁ ନେଇ ବିଜେଡି ରାଜ୍ୟରେ ଗଣତାନ୍ତ୍ରିକ ପରିବେଶକୁ ଅସୁସ୍ଥ କରୁଛି। ସୋମବାର ମଧୁପାଟଣାସ୍ଥିତ ପ୍ରମିଳାମଣ୍ଡପଠାରେ ଆୟୋଜିତ ଜନଜାଗରଣ ମଞ୍ଚ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀ ଜରିଆରେ ଏଭଳି ଅଭିଯୋଗ ଆଣିଛନ୍ତି ଏହାର ଆବାହକ ତଥା ଭାଜପା ନେତା ଚୌଧୁରୀ ପ୍ରଭାତ କେଶରୀ ମିଶ୍ର। ଅଭିଜିତ ଆୟର ମିତ୍ରଙ୍କ ମନ୍ତବ୍ୟକୁ ନେଇ ବୈଜୟନ୍ତଙ୍କୁ ବିବାଦରେ ଛନ୍ଦିବା ପାଇଁ ବିଜେଡି ଉଦ୍ୟମ କରୁଛି। ସେହିପରି ଚିଲିକାରେ ହେଲିକପ୍ଟର ଉଡାଣ ନେଇ ରାଜ୍ୟ ସରକାର କାର୍ଯ୍ୟାନୁଷ୍ଠାନ ନେବାକୁ ବ୍ୟଗ୍ର ହୋଇଉଠିଛନ୍ତି। ଏହାପଛର ମନ୍ଦ ଉଦ୍ଦେଶ୍ୟ ଥିବା ମିଶ୍ର କହିଛନ୍ତି। ବୈଜୟନ୍ତଙ୍କ ବିରୋଧରେ ଏଭଳି ଆକ୍ରୋଶମୂଳକ କାର୍ଯ୍ୟ ଜାରି ରହିଲେ ଜନ ଜାଗରଣ ମଞ୍ଚ ପକ୍ଷରୁ ତୀବ୍ର ପ୍ରତିବାଦ ପ୍ରଦର୍ଶନ କରାଯିବ ବୋଲି ମିଶ୍ର କହିଛନ୍ତି।

■ ଜିଲାରେ ଫାଇଲେରିଆ ନିରାକରଣ

# ୨୪ଲକ୍ଷଙ୍କୁ ଦିଆଯିବ ଔଷଧ



ବୈଠକରେ ଯୋଗଦେଇଥିବା ଅତିଥିବୃନ୍ଦ।

**କଟକ ଅଫିସ, ୨୪।୯**

ଫାଇଲେରିଆ ଓ ଗୋଦର ରୋଗର ନିର୍ମୂଳ ପାଇଁ ଗତବର୍ଷ ରାଜ୍ୟର ୧୧ଟି ଜିଲାରେ ଅଭିଯାନ ହୋଇଥିଲା । ଚଳିତବର୍ଷ ୩ଟି ଜିଲା (କଟକ, ଢେଙ୍କାନାଳ, ଖୋର୍ଦ୍ଧା)ରେ ଏହି ଅଭିଯାନ ଚାଲୁ ରହିବ । ଆସନ୍ତା ୨୬ରୁ ୨୮ ତାରିଖ ପର୍ଯ୍ୟନ୍ତ ସାମୂହିକ ବାତଜ୍ୱର ଔଷଧ ସେବନ କାର୍ଯ୍ୟକ୍ରମ କରାଯିବ। ଏ ନେଇ ସୋମବାର ଅପରାହ୍ନରେ ଜିଲା ସ୍ୱାସ୍ଥ୍ୟ ଭବନଠାରେ ଆୟୋଜିତ ବୈଠକରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବିଭୂତି ଭୂଷଣ ନାୟକ କହିଛନ୍ତି, ଜିଲାରେ ୨୪ଲକ୍ଷ ୩ ହଜାର ୫୬୧ ଜଣ ହିତାଧିକାରୀ ସାମୁହିକ ବାତଜ୍ୱର ଔଷଧ ସେବନ (ଏମଡିଏ) ଦ୍ୱାରା ଉପକୃତ ହେବେ। ଏହି କାର୍ଯ୍ୟକ୍ରମ ଉପଲକ୍ଷେ ଆଶା କର୍ମୀ, ଅଙ୍ଗନୱାଡି କର୍ମୀ ଓ ସାମାଜିକ କର୍ମୀମାନେ ଡିଇସି ବଟିକା ଏବଂ ଆଲବେଣ୍ଡାଜଲ ବଟିକା (କୃମିନାଶକ) ଘରକୁ ଘର ଯାଇ ଖୁଆଇବେ । ଏହି ଔଷଧ ସମ୍ପୂର୍ଣ୍ଣ ନିରାପଦ ଓ ଖାଦ୍ୟ ଖାଇବା ପରେ ଏହି ବଟିକା ଚୋବେଇ ଚୋବେଇ ଖାଇବା ଉଚିତ୍। କେବଳ ଗର୍ଭବତୀ ମହିଳା, ୨ ବର୍ଷରୁ କମ୍ ବୟସର ଶିଶୁ ଓ ଗୁରୁତର ଅସୁସ୍ଥ ବ୍ୟକ୍ତି ଏହି ଔଷଧ ଖାଇବେ ନାହିଁ । ଏଥିପାଇଁ ଜିଲା ପ୍ରଶାସନ ତରଫରୁ ୫୫୦୦ ତାଲିମପ୍ରାପ୍ତ ଔଷଧ ବିତରଣକାରୀ ଏବଂ ୫୫୦ଜଣ ସ୍ୱାସ୍ଥ୍ୟ ପରିଦର୍ଶକ ନିୟୋଜିତ ହୋଇଛନ୍ତି । ସେହିପରି କୁଷ୍ଠ ନିରାକରଣ ପାଇଁ ଜିଲାରେ ଚିହ୍ନଟ ଅଭିଯାନ ଆସନ୍ତା ୨୭ ତାରିଖରୁ ଆରମ୍ଭ ହୋଇ ୮ ଦିନ ଧରି ଚାଲିବ। ଏହି ଅଭିଯାନରେ ମୋଟ୍ ୮ ଲକ୍ଷ ୭୬ ହଜାର ୮୧୩ ଜଣଙ୍କ ମଧ୍ୟରୁ କୁଷ୍ଠ ଚିହ୍ନଟ କରାଯିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଲୋକଙ୍କୁ ସଚେତନ କରିବା ପାଇଁ 'ଶାମ୍ବ ରଥ' ପରିକ୍ରମା କରିବ। ରୋଗ ଡାକ୍ତରଙ୍କ ଦ୍ୱାରା ଚିହ୍ନଟ ହେଲେ ସେହି ସ୍ଥାନରେ ରୋଗୀକୁ ଏମ୍‌ଡିଟି ବଟିକା ଦିଆଯିବ । ଏହି ସମ୍ମିଳନୀରେ ଅତିରକ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ବଟକୃଷ୍ଣ ମହଲା, ଡା. ଏସ.କେ. କଲ୍ଲିମୁଲ୍ଲା, ସବ୍ ଡିଭିଜନାଲ ମେଡିକାଲ ଅଫିସର ବାଙ୍କୀ ଡା. ପି.ଏଲ. ପଣ୍ଡା, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶୋକ କୁମାର ଷଡଙ୍ଗୀ, ଜାତୀୟ ଭେକ୍ଟରବାହିତ ରୋଗ ନିୟନ୍ତ୍ରଣ ସଂଯୋଜିକା ତୃପ୍ତିରାଣୀ ପ୍ରମୁଖ ଉପସ୍ଥିତ ଥିଲେ ।

**କୁଷ୍ଠ ରୋଗ ନିରାକରଣ ପାଇଁ ବୁଲିବ ଶାମ୍ବ ରଥ**

# ଦାବି ପୂରଣ ନ ହେଲେ ଆନ୍ଦୋଳନାତ୍ମକ ପନ୍ଥା ଆପଣାଇବେ ଭିଏଡବ୍ଲ୍ୟୁ

**ଭୁବନେଶ୍ୱର,୨୪।୯(ବ୍ୟୁରୋ)**

ଓଡ଼ିଶା ୩ଥର କୃଷି କର୍ମଣ ପୁରସ୍କାର ପାଇଥିବା ବେଳେ ଏହା କେବଳ ତଳସ୍ତରରେ କାମ କରୁଥିବା ଗ୍ରାମ୍ୟ କୃଷି କର୍ମଚାରୀମାନଙ୍କ ଯୋଗୁ ସମ୍ଭବ ହୋଇପାରୁଛି। ୨୦୧୭ ମସିହା ଅକ୍ଟୋବରରେ ହୋଇଥିବା ଗ୍ରାମ୍ୟ କୃଷି କର୍ମଚାରୀଙ୍କ ବାର୍ଷିକ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା ଓ କୃଷି ବିଭାଗ ଶାସନ ସଚିବ ସୌରଭ ଗର୍ଗ ଯୋଗଦେଇଥିଲେ। ଏହି ସମୟରେ ଗ୍ରାମ୍ୟ କୃଷି କର୍ମଚାରୀ(ଭିଏଡବ୍ଲ୍ୟୁ)ଙ୍କ ପଦବୀର ନାମ ପରିବର୍ତ୍ତନ କରି ପଞ୍ଚାୟତ କୃଷି ଅଧିକାରୀ କରିବା, ପଦବୀର ପୁନଃବିନ୍ୟାସ ଓ ନୂତନ କ୍ୟାଡର ରୁଲ ପ୍ରସ୍ତାବ ଆଦି କେତେକ ଅଣଅର୍ଥନୈତିକ ଦାବି ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଉପସ୍ଥାପନ କରାଯାଇଥିଲା। ଦାବିଗୁଡ଼ିକ ଯଥାଶୀଘ୍ର ପୂରଣ କରାଯିବ ବୋଲି ପ୍ରତିଶ୍ରୁତି ମଧ୍ୟ ମିଳିଥିଲା। ଇତିମଧ୍ୟରେ ୧୧ମାସ ବିତି ଯାଇଥିଲେ ମଧ୍ୟ ପ୍ରଶାସନିକ ଅବହେଳା କାରଣରୁ ଆଜି ପର୍ଯ୍ୟନ୍ତ କୌଣସି ବି ଦାବି ପୂରଣ ହୋଇପାରି ନ ଥିବା ଅଭିଯୋଗ କରିଛି ଓଡ଼ିଶା ରାଜ୍ୟ ଗ୍ରାମ୍ୟ କୃଷି କର୍ମଚାରୀ ଓ ମହିଳା ଗ୍ରାମ୍ୟ କୃଷି କର୍ମଚାରୀ ସଂଘ। ଏ ନେଇ ସଂଘ ପକ୍ଷରୁ ରବିବାର କର୍ମଚାରୀ ଭବନଠାରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା। ସଂଘ ସଭାପତି ଦିଲୀପ କୁମାର ସାମନ୍ତରାୟଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଗ୍ରାମ୍ୟ କୃଷି କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ସରକାର ସେମାନଙ୍କ ନ୍ୟାଯ୍ୟ ଦାବିଗୁଡ଼ିକ ପ୍ରତି ଅଣଦେଖା କରୁଥିବାରୁ କ୍ଷୋଭ ପ୍ରକାଶ ପାଇଥିଲା। ସରକାର ତୁରନ୍ତ ଏ ଦିଗରେ ପଦକ୍ଷେପ ନ ନେଲେ ତଳସ୍ତରରେ କାର୍ଯ୍ୟ କରୁଥିବା ସମସ୍ତ ଗ୍ରାମ୍ୟ କୃଷି କର୍ମଚାରୀ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି ସଂଘ ସାଧାରଣ ସମ୍ପାଦକ ଅମୀୟ କୁମାର ରାଉତ ସୂଚନା ଦେଇଛନ୍ତି।

## ୨୬ରେ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ କଟକ ଗସ୍ତ

**କଟକ ଅଫିସ,୨୪।୯**

କଟକ ପୋତାପୋଖରୀ ପଇସା ପୂଜାମଣ୍ଡପ ଉଦ୍‌ଘାଟନ କରିବା ସହ ମା' ଦୁର୍ଗାଙ୍କ ବିଗ୍ରହ ସ୍ଥାପନ କାର୍ଯ୍ୟକ୍ରମରେ ଯୋଗଦେବେ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ। ଆସନ୍ତା ୨୬ ତାରିଖଠାରୁ ତିନି ଦିନ ଧରି କଟକରେ ବିଭିନ୍ନ ଧାର୍ମିକ କାର୍ଯ୍ୟକ୍ରମରେ ଯୋଗଦେବେ ଶଙ୍କରାଚାର୍ଯ୍ୟ। ୨୬ ତାରିଖ ସକାଳ ୭.୩୦ ଟାରେ ତେଲେଙ୍ଗା ବଜାରସ୍ଥିତ ରଘୁନାଥଜୀଉ ମନ୍ଦିରରେ ଆୟୋଜିତ ଭାଗବତ ସପ୍ତାହ କାର୍ଯ୍ୟକ୍ରମରେ ଯୋଗଦେବେ ଶଙ୍କରାଚାର୍ଯ୍ୟ। ସେହିଦିନ ରାତିରେ ମହତାବରୋଡ ନ୍ୟୁକଲୋନୀସ୍ଥିତ ଶୁଭେନ୍ଦୁ ସ୍ୱାଇଁଙ୍କ ବାସଭବନରେ ରାତ୍ରୀଯାପନ କରିବେ। ୨୭ ତାରିଖ ପୂର୍ବାହ୍ନ ୧୧ଟାରୁ ଶୁଭେନ୍ଦୁଙ୍କ ବାସଭବନରେ ଅନୁଷ୍ଠିତ ଧର୍ମ ରାଷ୍ଟ୍ର ବିଜ୍ଞାନ ବିଚାର ସଂଗୋଷ୍ଠୀ ନେଇ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେବେ। ଉକ୍ତ ଦିନ ଅପରାହ୍ନରେ ଆୟୋଜିତ ନାରାୟଣ ପାଦୁକା ଯାତ୍ରାରେ ଯାଇ ପୋତାପୋଖରୀ ପଇସା ପୂଜା କମିଟିର ସ୍ଥାୟୀ ବିଗ୍ରହ ସ୍ଥାପନ ଏବଂ ପୂଜାମଣ୍ଡପ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଯୋଗଦେବେ। ଉକ୍ତ ଦିନ ସନ୍ଧ୍ୟା ୬ଟାରେ ପୋତାପୋଖରୀଠାରେ ଆୟୋଜିତ ଧର୍ମସଭାରେ ମୁଖ୍ୟ ପୁରୋଧା ଭାବେ ଯୋଗଦେବେ ଶଙ୍କରାଚାର୍ଯ୍ୟ। ଏହାପରେ ଶୁଭେନ୍ଦୁଙ୍କ ବାସଭବନକୁ ଫେରି ରାତ୍ରୀଯାପନ କରିବେ। ୨୮ ତାରିଖ ପୂର୍ବାହ୍ନ ୧୧ଟାରେ ପୋତାପୋଖରୀ ନିକଟରେ ଛାତ୍ରୀଛାତ୍ରଙ୍କ ପାଇଁ ଆୟୋଜିତ ବିଚାର ସଂଗୋଷ୍ଠୀରେ ଶଙ୍କରାଚାର୍ଯ୍ୟ ଦିବ୍ୟ ସନ୍ଦେଶ ପ୍ରଦାନ କରିବେ ବୋଲି ଆୟୋଜକ ଆଦିତ୍ୟ ବାହିନୀ ପକ୍ଷରୁ ସୂଚନା ଦିଆଯାଇଛି।

# ବ୍ରାଉନସୁଗାର ଜବତ: ୩ ଗିରଫ

**କଟକ ଅଫିସ,୨୪।୯**



ଗିରଫ ୩ ଅଭିଯୁକ୍ତ।

ମଙ୍ଗଳାବାଗ ପୋଲିସ ସୋମବାର ଯୋବ୍ରା ବ୍ୟାରେଜ କଲୋନୀ ଅଞ୍ଚଳରେ ଚଢାଉ କରି ୧୫ ଗ୍ରାମ୍ ବ୍ରାଉନସୁଗାର ଜବତ କରିଛି। ଯାହାର ଆନୁମାନିକ ମୂଲ୍ୟ ଦେଢ ଲକ୍ଷ ଟଙ୍କା ହେବ ବୋଲି ପୋଲିସ ସୂଚନା ଦେଇଛି। ଏହି ଘଟଣାରେ ପୋଲିସ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବିଡାନାସୀ ଥାନା ଅନ୍ତର୍ଗତ ଉପର ପୋଲିସ କଲୋନୀ ଅଞ୍ଚଳର ଦିଲ୍ଲୀପ ଦାସ(୨୧), ମଙ୍ଗଳାବାଗ ଥାନା ଅନ୍ତର୍ଗତ ଏସ୍‌ସିବି ମେଡିକାଲ ସୁଇପର କଲୋନୀ ଅଞ୍ଚଳର ବାଇଚେନ ନାୟକ ଓରଫ୍ ଛୋଟୁ(୨୭) ଓ ମାଛୁଆବଜାର ଅଞ୍ଚଳର କାହ୍ନୁ ସାହୁ(୨୨)। ଏଥିସହ ଏହି କାରବାରରେ ସମ୍ପୃକ୍ତି ଥିବା ମାଛୁଆବଜାର ଅଞ୍ଚଳର ଜଣେ ନାବାଳକଙ୍କୁ ପୋଲିସ କାବୁ କରି ବାଳସୁଧାର ଗୃହକୁ ପଠାଇଛି। ଏ ନେଇ ପୋଲିସ ଏକ ମାମଲା(୨୦୧/୧୮) ରୁଜୁ କରିଛି। ମିଳିଥିବା ସୂଚନା ଅନୁଯାୟୀ, ଉକ୍ତ କଲୋନୀ ଅଞ୍ଚଳରେ ବ୍ରାଉନସୁଗାର କାରବାର ହେଉଥିବା ସମ୍ପର୍କରେ ପୋଲିସ ପାଖରେ ସୂଚନା ଥିଲା। ତେଣୁ ପୋଲିସ ଏହି ଅଞ୍ଚଳ ଉପରେ ନଜର ରଖିଥିଲା। ସୋମବାର ସକାଳେ ଉକ୍ତ ଅଞ୍ଚଳରେ ବ୍ରାଉନସୁଗାର କାରବାର ହେଉଥିବା ଜାଣିବା ପରେ ଏସ୍‌କେ ସରିଫୁଦ୍ଦିନଙ୍କ ନେତୃତ୍ୱରେ ଏକ ଟିମ୍ ଚଢାଉ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା। ସେମାନଙ୍କ ଠାରୁ ୮ଟି ଛୋଟ ଛୋଟ କାଗଜ ପ୍ୟାକେଟରେ ଥିବା ମୋଟ୍ ୧୫ ଗ୍ରାମ ବ୍ରାଉନସୁଗାର ଓ ୨୮୦୦ ଟଙ୍କା ଜବତ କରାଯାଇଛି। ଅଭିଯୁକ୍ତ ଛୋଟୁ ଏବଂ ଦିଲ୍ଲୀପଙ୍କ ନାଁରେ ମାଲଗୋଦାମ, ବିଡାନାସୀ, ମର୍କତନଗର, ମଙ୍ଗଳାବାଗ ଥାନାରେ ୭ଟି ଅପରାଧିକ ମାମଲା ଥିବା ପୋଲିସ ସୂଚନା ଦେଇଛି।

**ଘଟଣାରେ ସମ୍ପୃକ୍ତ ଅଛନ୍ତି ନାବାଳକ**

# ୬ ଦଫା ଦାବି ନେଇ ଅଗ୍ନିଶମ କର୍ମଚାରୀଙ୍କ ଆନ୍ଦୋଳନ

**କଟକ ଅଫିସ/କଣ୍ଠାପଡା/ଚୌଦ୍ୱାର, ୨୪।୯(ଡି.ଏନ୍.ଏ.)**

ରାଜ୍ୟ ଅଗ୍ନିଶମ ବିଭାଗର ଶତାଧିକ କର୍ମଚାରୀ ୬ ଦଫା ଦାବି ନେଇ ସୋମବାର ସକାଳୁ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଓହ୍ଲାଇଛନ୍ତି। କଟକ ବକ୍ସିବଜାର, ଚାଉଳିଆଗଞ୍ଜ ଓ ବିଡାନାସୀ ଫାୟାର ଫାୟାର ଷ୍ଟେଶନ ଆଦି ସ୍ଥାନରେ ଶତାଧିକ ଅଗ୍ନିଶମ କର୍ମଚାରୀ ଆନ୍ଦୋଳନ କରିଛନ୍ତି। ଆନ୍ଦୋଳନରତ ଅଗ୍ନିଶମ ବିଭାଗ କର୍ମଚାରୀମାନେ କହିଛନ୍ତି, ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ। ତେବେ ସକାଳୁ ଆରମ୍ଭ ହୋଇଥିବା ଏହି ଆନ୍ଦୋଳନ ଯୋଗୁ କଟକ ଜିଲାରେ ଅଗ୍ନିଶମ ସେବା ବାଧାପ୍ରାପ୍ତ ହୋଇନାହିଁ ବୋଲି ଅଗ୍ନିଶମ ବିଭାଗର କଟକ ସେଣ୍ଟ୍ରାଲ ଫାୟାର ଅଫିସର ଭାବଗ୍ରାହୀ ଘଡେଇ କହିଛନ୍ତି। ବକ୍ସିବଜାରସ୍ଥିତ ଫାୟାର ଷ୍ଟେଶନଠାରେ ପ୍ରତିବାଦରେ ବସିଥିବା ଅଗ୍ନିଶମ କର୍ମଚାରୀଙ୍କୁ ବିଭାଗର କିଛି ବରିଷ୍ଠ ଅଧିକାରୀ ଆସି ବୁଝାସୁଝା କରିବାକୁ ଉଦ୍ୟମ କରିଥିଲେ। ମାତ୍ର ସରକାରଙ୍କଠାରୁ ଦାବି ପୂରଣ ନେଇ ଲିଖିତ ପ୍ରତିଶ୍ରୁତି ନ ମିଳିବା ଯାଏ ଆନ୍ଦୋଳନରୁ ଉଠିବୁ ନାହିଁ ବୋଲି ପ୍ରତିବାଦକାରୀ କହିଥିବା ଜଣାପଡିଛି। ସୂଚନାଯୋଗ୍ୟ, ରବିବାର ରାତିରେ କାର୍ଯ୍ୟବନ୍ଦ ଆନ୍ଦୋଳନ ନେଇ ଅଗ୍ନିଶମ କର୍ମଚାରୀ ସଂଘରେ ମତପାର୍ଥକ୍ୟ ଦେଖାଯାଇଥିଲା। ତେବେ ସୋମବାର ସକାଳୁ ଅଧିକାଂଶ ଜିଲାରେ କାର୍ଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ ହୋଇଥିବା ଦେଖାଯାଇଛି। ଅଗ୍ନିଶମ ବିଭାଗ କର୍ମଚାରୀ ସେମାନଙ୍କର ଦାବିକୁ ପ୍ରଥମେ ଫିଟମେଣ୍ଟ କମିଟିରେ ପକାଇ, ପରେ ଗତବର୍ଷ ଦାବି ପୂରଣ ନେଇ କଳାବ୍ୟାଜ ପିନ୍ଧି ପ୍ରତିବାଦ ପ୍ରଦର୍ଶନ ମଧ୍ୟ କରିଥିଲେ। ହେଲେ ଏହା ପରେ ମଧ୍ୟ ଦାବି ପୂରଣ ଦିଗରେ ସରକାରଙ୍କ ଉଦାସୀନତା ଆଜି ସେମାନଙ୍କୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବାକୁ ବାଧ୍ୟ କରିଛି ବୋଲି କହିଛନ୍ତି ଫାୟାରମ୍ୟାନ ଜଗବନ୍ଧୁ ସାହୁ। ଜନସାଧାରଣଙ୍କୁ ସୁରକ୍ଷା ଯୋଗାଇଦେବାକୁ ଆମେ ସବୁବେଳେ ପ୍ରସ୍ତୁତ ଥିବାବେଳେ ଆମମାନଙ୍କ ଦାବି ପୂରଣ ହେଉନାହିଁ। ଆଗାମୀ ଦିନରେ ଅଗ୍ନିଶମ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ସେବାରେ ବିଭ୍ରାଟ ଦେଖାଦେଲେ ସେଥିପାଇଁ ରାଜ୍ୟ ସରକାର ଦାୟୀ ରହିବେ ବୋଲି ସାହୁ କହିଛନ୍ତି।

ବିଭିନ୍ନ ଦାବି ନେଇ ସୋମବାରଠାରୁ କଣ୍ଠାପଡା ବ୍ଲକ ଅନ୍ତର୍ଗତ ଅଡଶପୁରଠାରେ ଥିବା ଅଗ୍ନିଶମ ସେବାସଂସ୍ଥାର କର୍ମଚାରୀମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି। ଏହି କାର୍ଯ୍ୟାଳୟରେ କାମ କରୁଥିବା ୧୨ଜଣ କର୍ମଚାରୀ ଆନ୍ଦୋଳନରେ ସାମିଲ ହୋଇଥିବାରୁ ସାଧାରଣ ଲୋକ ଏହି ସେବା ପାଇବାରୁ ବଞ୍ଚିତ ହେବେ ବୋଲି ଆଶଙ୍କା ପ୍ରକାଶ ପାଇଛି। ରାଜ୍ୟ ପୋଲିସ କର୍ମଚାରୀମାନଙ୍କୁ ମିଳୁଥିବା ଦରମାଭଳି ସମାନ ଦରମା, ଅଗ୍ନିଶମ ସଂସ୍ଥାର ହାବିଲଦାର ଓ ଫାୟାରମ୍ୟାନ ଆସୋସିଏଶନକୁ ତୁରନ୍ତ ସରକାରୀ ପଞ୍ଜିକରଣ, ଚୁକ୍ତିଭିତ୍ତିକ କର୍ମଚାରୀଙ୍କୁ ନିୟମିତ ଓ ଜିଲା ଭିତରେ ନିଯୁକ୍ତି ଦେବା, ଅବସର ନେଇଥିବା କର୍ମଚାରୀଙ୍କୁ ତୁରନ୍ତ ପେନ୍‌ସନ ଓ ଅବସରକାଳୀନ ପ୍ରାପ୍ୟ ପ୍ରଦାନ, ଅନ୍ୟକର୍ମଚାରୀଙ୍କ ଭଳି ୮ ଘଣ୍ଟିଆ ଡ୍ୟୁଟି ଓ ଖାଲିପଡିଥିବା ପଦବୀ ତୁରନ୍ତ ପୂରଣ ଭଳି ଦାବି ନେଇ କର୍ମଚାରୀମାନେ ଆନ୍ଦୋଳନ ଚଳାଇଛନ୍ତି। ସେହିପରି ଟାଙ୍ଗୀ-ଚୌଦ୍ୱାର ଅଗ୍ନିଶମ ସେବାକେନ୍ଦ୍ରର କର୍ମଚାରୀମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି। ଏହି କେନ୍ଦ୍ରରେ କାର୍ଯ୍ୟରତ ୧୦ଜଣ କର୍ମଚାରୀ କେନ୍ଦ୍ର ପରିସରରେ ଧାରଣାରେ ବସିଥିଲେ। ଏହି ଆନ୍ଦୋଳନ ଚାଲୁ ରହିଥିବାରୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଚୌଦ୍ୱାର କେନ୍ଦ୍ରକୁ ୫ଜଣ କର୍ମଚାରୀଙ୍କୁ ଡେପୁଟେଶନରେ ପଠାଇଥିବା ଚୌଦ୍ୱାର ଅଗ୍ନିଶମ କେନ୍ଦ୍ରର ଅଧିକାରୀ ପୁଲକ ପ୍ରିୟରଞ୍ଜନ ଲେଙ୍କା କହିଛନ୍ତି।



କଟକ ବକ୍ସିବଜାରସ୍ଥିତ ଅଗ୍ନିଶମ କେନ୍ଦ୍ର ସମ୍ମୁଖରେ ଅଗ୍ନିଶମ କର୍ମଚାରୀମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ ଚଳାଇଛନ୍ତି।

## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ metroselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।



## ସେଲ୍‌ଫି କର୍ନର



@ ସୌମ୍ୟା



@ ବିଦ୍ୟୁତ୍



@ ସୁଦର୍ଶନ



@ ସ୍ୱପ୍ନା



@ ଆଶୁ



@ ଅଶୋକ

ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | metroselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)



ମନକୁ ଯଦି କାମରେ ନ ଲଗାଇବ, ସେଥିରେ କଳଙ୍କି ଲାଗି ଶେଷରେ ଅକାମୀ ହୋଇଯିବ ।
-ସାର୍ ଜନ୍ ସାଇମନ



## ସଂକ୍ଷେପରେ

### ଟିମ୍ ଯାଯାବରରେ ଚା' ପିଇଲେ ଅମିତ ଶାହ

**ସାକ୍ଷୀଗୋପାଳ, ୨୪।୯(ଡି.ଏନ୍.ଏ.):** ପୁରୀଠାରେ ଭାଜପା ମହିଳା ମୋର୍ଚ୍ଚର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସମାବେଶରେ ଯୋଗଦେଇ ସୋମବାର ସନ୍ଧ୍ୟାରେ ଭୁବନେଶ୍ୱର ଫେରିଯାଇଛନ୍ତି ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହା। ଫେରିବା ବାଟରେ ସତ୍ୟବାଦୀ ବ୍ଲକର ପଛନାୟିକିଆ ଛକରେ ପର୍ଯ୍ୟଟନ ବିଭାଗର ଟିମ୍ ଯାଯାବର ରେଷ୍ଟୁରାଣ୍ଟରେ ଶାହଙ୍କ ସହିତ ଭାଜପାର ଅନ୍ୟ ନେତାମାନେ ଚା' ପିଇଥିଲେ। ପୁରୀ-ଭୁବନେଶ୍ୱର ୩୧୬ ନଂ ଜାତୀୟ ରାଜପଥ ପାର୍ଶ୍ୱରେ ଅବସ୍ଥିତ ନିରୋଳା ପରିବେଶରେ ଅଳ୍ପକିଛି ସମୟ ବିତାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଜୁଏଲ ଓରାମ, ବିଧାୟକ ଦଳ ନେତା କନକ ବର୍ଦ୍ଧନ ସିଂହଦେଓ, ଭାଜପା ରାଜ୍ୟ ସଭାପତି ବସନ୍ତ ପଣ୍ଡା, ଭୃଗୁ ବକ୍ସିପାତ୍ର, ଡା. ବିଶ୍ୱନାଥ ରଥ, ରମା ରଞ୍ଜନ ବଳିୟାର ସିଂହ, ଓମ ପ୍ରକାଶ ମିଶ୍ର, ଆସ୍ରିତ ପଟ୍ଟନାୟକ, ସାରଦା ପ୍ରଧାନ ପ୍ରମୁଖ ସାମିଲ ହୋଇଥିଲେ। ଏହି ଅବସରରେ ସତ୍ୟବାଦୀର ଐତିହ୍ୟ ସମ୍ପର୍କରେ ଶାହ ସ୍ଥାନୀୟ ନେତାମାନଙ୍କ ଠାରୁ ପଚାରି ବୁଝିଥିଲେ। ସେହିପରି ପୁରୀ ଯିବା ବାଟରେ ସତ୍ୟବାଦୀ ନିର୍ବାଚନ ମଣ୍ଡଳୀ କାର୍ଯ୍ୟାଳୟରେ ଭାଜପାର ମହିଳା ଓ ଯୁବ କର୍ମୀମାନେ ଅଧ୍ୟକ୍ଷଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ।

### ଏକ ବର୍ଷ ପରେ ବସିଲା ପଞ୍ଚାୟତ ସମିତି ବୈଠକ

**ବ୍ରହ୍ମଗିରି, ୨୪।୯(ଡି.ଏନ୍.ଏ.):** ଦୀର୍ଘ ଏକ ବର୍ଷ ପରେ ସୋମବାର ବ୍ରହ୍ମଗିରି ବ୍ଲକରେ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଛି। ବ୍ଲକ ପରିସରରେ ବୈଠକ ହେଉଥିବା ସମୟରେ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଥିଲା। ବୈଠକ ସମୟରେ ସାଧାରଣ ଲୋକଙ୍କୁ ବ୍ଲକକୁ ଛଡ଼ାଯାଇ ନ ଥିଲା। ସୋମବାର ସପ୍ତାହର ପ୍ରଥମ କାର୍ଯ୍ୟଦିବସ ହୋଇଥିବାରୁ ଦୂରଦୂରାନ୍ତରୁ ଅନେକ ଲୋକ ଆସି ନିରାଶାରେ ଫେରୁଥିବାର ଦେଖିବାକୁ ମିଳିଥିଲା। ବ୍ରହ୍ମଗିରି ବ୍ଲକରେ ପଞ୍ଚାୟତ ସମିତି ଗଠନ ହେବାର ଦେଢ଼ବର୍ଷ ବିତିଗଲାଣି। କିନ୍ତୁ ଅଧ୍ୟକ୍ଷ ଓ ଉପାଧ୍ୟକ୍ଷ ନିର୍ବାଚନକୁ ମିଶାଇ ୩ଟି ବୈଠକ ହୋଇଥିବାବେଳେ ଏକ ବର୍ଷ ହେବ କୌଣସି ବୈଠକ ହୋଇ ନ ଥିଲା। ଏନେଇ କେତେକ ନିର୍ବାଚିତ ପ୍ରତିନିଧି ଅଭିଯୋଗ କରିବା ସହ ଧାରଣା ଦେଇ ବ୍ଲକ ପରିସରରେ ରଣକ୍ଷେତ୍ର ସୃଷ୍ଟି ହେବା ଭଳି ଘଟଣା ମଧ୍ୟ ଘଟିଥିଲା। ଶେଷରେ ଜିଲାପାଳ ମଧ୍ୟ ପଞ୍ଚାୟତ ସମିତି ବୈଠକ ହୋଇ ନ ଥିବାରୁ ବିଡିଓଙ୍କୁ କୈଫିୟତ ତଲବ କରିଥିଲେ। ଏକ ବର୍ଷ ପରେ ସୋମବାର ୪ର୍ଥ ପଞ୍ଚାୟତ ସମିତି ବୈଠକ ବ୍ଲକ ସଭାଗୃହରେ ଅନୁଷ୍ଠିତ ହୋଇଛି। ଅପରପକ୍ଷରେ ଦୀର୍ଘଦିନ ପରେ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହେଉଥିବାରୁ ଅନେକ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହେବାକୁ ଥିବା ସମୟରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ଅସୁସ୍ଥତା କାରଣରୁ ଉକ୍ତ ବୈଠକରେ ଅନୁପସ୍ଥିତ ରହିବାରୁ ଅନେକ ଆଲୋଚନା ହୋଇ ନ ପାରିବା କେତେକ ପ୍ରତିନିଧି ଅଭିଯୋଗ କରିଛନ୍ତି।

### ୧୦ଦଫା ଦାବିରେ ଶତାଧିକ ଫ୍ରାଞ୍ଚାଇଜ କର୍ମଚାରୀଙ୍କ ବିକ୍ଷୋଭ



**ନିମାପଡ଼ା, ୨୪।୯(ଡି.ଏନ୍.ଏ.):** ଓଡ଼ିଶା ପାୱାର ଏମ୍ପ୍ଲଇଜ୍ ୟୁନିୟନର ଆହ୍ୱାନକ୍ରମେ ୧୦ଦଫା ଦାବି ନେଇ ସେସୁରେ କାର୍ଯ୍ୟରତ ଶତାଧିକ ଷ୍ଟକଚର ଫ୍ରାଞ୍ଚାଇଜ କର୍ମଚାରୀମାନେ ନିମାପଡ଼ା ବିଦ୍ୟୁତ୍ ଡିଭିଜନ ଅଫିସ ସମ୍ମୁଖରେ ବିକ୍ଷୋଭ ସହ ଗଣଧାରଣାରେ ବସିଥିଲେ। ଦାବି ପୂରଣ ନହେବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଚାଲିବ ଏବଂ ଆଗକୁ ଆହୁରି ତୀବ୍ର ହେବ ବୋଲି ଡିଭିଜନ ସଭାପତି ରଜନୀକାନ୍ତ ବସ୍ତିଆ, ସମ୍ପାଦକ ଯୁଗାନ୍ତ ନାରାୟଣ ତ୍ରିପାଠୀ ଓ ଆନ୍ଦୋଳରତ କର୍ମଚାରୀମାନେ କହିଛନ୍ତି। ନିମାପଡ଼ା ଡିଭିଜନ ଅନ୍ତର୍ଗତ ନିମାପଡ଼ା, କାକଟପୁର, ଅସ୍ତରଙ୍ଗ, ପିପିଲି, ଗୋପ, କୋଣାର୍କ, ଛଇତନା, ବାଲକାଟି, ବାଲିପାଟଣା ଆଦି ୯ଟି ବିଦ୍ୟୁତ୍ ଷ୍ଟକଚରର କର୍ମଚାରୀମାନେ ଏହି ଆନ୍ଦୋଳନରେ ସାମିଲ ହୋଇଛନ୍ତି। ସେସୁରେ କାର୍ଯ୍ୟରତ ଷ୍ଟକଚର ଫ୍ରାଞ୍ଚାଇଜ କର୍ମଚାରୀମାନଙ୍କୁ ନିୟମିତ କର୍ମଚାରୀର ମାନ୍ୟତା ପ୍ରଦାନ କରାଯିବା ଆଦି ଦାବିଗୁଡିକ ଅନ୍ତର୍ଭୁକ୍ତ। ଏଥିରେ ରଜନୀକାନ୍ତ ବସ୍ତିଆ, ଯୁଗାନ୍ତନାରାୟଣ ତ୍ରିପାଠୀଙ୍କ ନେତୃତ୍ୱରେ ଏହି ଆନ୍ଦୋଳନ ଅନୁଷ୍ଠିତ ହୋଇଥିଲା।

■ ଖୁଣ୍ଟିଆ ପେଟ୍ରୋଲ ପମ୍ପରେ ତେଲ ଠକେଇ ଅଭିଯୋଗ

# ଉତ୍ତେଜନା ପରେ କର୍ମଚାରୀ ଛୁ, ଥାନାରେ ଏତଲା

**ପୁରୀ ଅଫିସ, ୨୪।୯:**

ତେଲ ଠକେଇକୁ ନେଇ ମେଡିକାଲ ଛକସ୍ଥିତ ଖୁଣ୍ଟିଆ ପେଟ୍ରୋଲ ପମ୍ପରେ ସୋମବାର ଉତ୍ତେଜନା ପ୍ରକାଶ ପାଇଛି। ତେଲରେ ଠକେଇ ଅଭିଯୋଗ ଆଣି କେତେଜଣ ଗ୍ରାହକ ହୋହଲ୍ଲା କରିଥିଲେ। ଏ ନେଇ ଗ୍ରାହକ ଏବଂ କର୍ତ୍ତୃପକ୍ଷ ମୁହାଁମୁହିଁ ହୋଇଥିଲେ। ଖବର ପାଇ କୁମ୍ଭାରପଡା ପୋଲିସ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା। କୌଣସି ଅଘଟଣ ଆଶଙ୍କାରେ କର୍ମଚାରୀମାନେ ସେଠାରୁ ଚାଲିଯାଇଥିଲେ। ଏ ନେଇ କୁମ୍ଭାରପଡ଼ା ଥାନାରେ ଅଭିଯୋଗ ହୋଇଛି। ପରିସ୍ଥିତିକୁ ନିୟନ୍ତ୍ରଣ ଲାଗି ପୋଲିସ ପେଟ୍ରୋଲ ପମ୍ପ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲା। ଅଭିଯୋଗକୁ ଭିତ୍ତିକରି ଘଟଣାର ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ଅଭିମନ୍ୟୁ ନାୟକ କହିଛନ୍ତି।



ଉତ୍ୟକ୍ତ ଲୋକମାନେ ପେଟ୍ରୋଲ ପମ୍ପ ଘେରାଉ କରିଛନ୍ତି।

ମିଳିଥିବା ସୂଚନା ପ୍ରକାରେ ମେଡିକାଲ ଛକର ସୁନୀଲ ସ୍ୱାଇଁ ତାଙ୍କ ବାଇକ୍‌ରେ ତେଲ ପକାଇବା ଲାଗି ପେଟ୍ରୋଲ ପମ୍ପରେ ପହଞ୍ଚି ତେଲ ପକାଇବା ପାଇଁ ୯୫୨ ଟଙ୍କାର ରସିଦ କାଟିଥିଲେ। ସୁନୀଲଙ୍କ କହିବାନୁଯାୟୀ, ପୂର୍ବରୁ ତାଙ୍କ ବାଇକ୍‌ରେ ଦୁଇରୁ ତିନି ଲିଟର ତେଲ ଥିଲା। ଏହା ସତ୍ତ୍ୱେ ଟାଙ୍କି ପୂର୍ଣ୍ଣ ହୋଇ ନ ଥିଲା। ଏ ନେଇ ତାଙ୍କର ସନ୍ଦେହ ହେବାରୁ ସେ ତେଲଟାଙ୍କି ଫୁଲ କରିବାକୁ କହିଥିଲେ। ମାତ୍ର ଟାଙ୍କି ପୂର୍ଣ୍ଣ ନ ହେବାରୁ ତାଙ୍କର ସନ୍ଦେହ ବଢ଼ିଥିଲା। ସେ ତେଲରେ ଠକେଇ ହୋଇଥିବା ନେଇ ପାଟିତୁଣ୍ଡ କରିଥିଲେ। ଏଥିସହିତ ଅନ୍ୟ କେତେଜଣ ଗ୍ରାହକ ମଧ୍ୟ ସମାନ ଅଭିଯୋଗ ଆଣିଥିଲେ। ଖବର ପାଇ ସୁନୀଲଙ୍କ ବନ୍ଧୁମାନେ ପହଞ୍ଚି ପେଟ୍ରୋଲ ପମ୍ପରେ ହୋହଲ୍ଲା କରିଥିଲେ। ତେଲମାପକ ଯନ୍ତ୍ରରେ ବାଇକ୍‌ରେ ପକାଇଥିବା ତେଲ ଚେକିଙ୍ଗ୍ କରିବା ଲାଗି ଦାବି କରିଥିଲେ। ଏହାକୁ ନେଇ କର୍ତ୍ତୃପକ୍ଷ ଏବଂ ଗ୍ରାହକମାନଙ୍କ ମଧ୍ୟରେ ପ୍ରବଳ ପାଟିତୁଣ୍ଡ ହୋଇଥିଲା। ପେଟ୍ରୋଲ ପମ୍ପ ମ୍ୟାନେଜର ସୁଶାନ୍ତ ଆଚାର୍ଯ୍ୟ ଏହି ଅଭିଯୋଗକୁ ଖଣ୍ଡନ କରିଛନ୍ତି। ତେଲରେ କୌଣସି ଠକେଇ ହୋଇନାହିଁ। ଗ୍ରାହକ ଜଣକ ପ୍ରଥମେ କାଉଣ୍ଟରରେ କର୍ମଚାରୀଙ୍କୁ ବାଇକ୍‌ର ତେଲ ଟାଙ୍କି ପୂର୍ଣ୍ଣ କରିବାକୁ କହିଥିଲେ। ଅନ୍ୟପଟେ କାଉଣ୍ଟରରୁ ୯୫୨ ଟଙ୍କାର ରସିଦ୍ ମାଗିଥିଲେ। ଏହାର କିଛି ସମୟ ପରେ ତେଲ ଠକେଇ ଅଭିଯୋଗ କରିଥିଲେ ବୋଲି ଆଚାର୍ଯ୍ୟ କହିଛନ୍ତି।



ବିଭିନ୍ନ ଦାବି ନେଇ ଅଗ୍ନିଶମ କର୍ମଚାରୀମାନେ ସୋମବାର ପୁରୀ ମୁଖ୍ୟ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି।

## ଯୌତୁକ ପାଇଁ ମହିଳାଙ୍କୁ ହତ୍ୟା ଅଭିଯୋଗ

**ନିମାପଡ଼ା, ୨୪।୯(ଡି.ଏନ୍.ଏ):**

ନିମାପଡ଼ା ଏନ୍‌ଏସି ଅନ୍ତର୍ଗତ ମହିଳା କଲେଜ ଛକ ନିକଟରେ ଏକ ଭଡାଘରେ ରହୁଥିବା ମିନତୀ ନାୟକ(୩୦)ଙ୍କୁ ଶାଶୁଘର ଲୋକେ ଯୋଜନାବଦ୍ଧଭାବେ ହତ୍ୟା କରିଥିବା ସୋମବାର ଅଭିଯୋଗ ହୋଇଛି। ଏ ନେଇ ମିନତୀଙ୍କ ବାପା ପରେଶ କୁମାର ନାୟକଙ୍କ ଅଭିଯୋଗକ୍ରମେ ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୨୦/୧୮)ରୁଜୁ କରି ତଦନ୍ତ ଚଳାଇଛି। ଏହା ସହିତ ପୋଲିସ ମିନତୀଙ୍କ ସ୍ୱାମୀ ଦେବାଶିଷ ଓରଫ ମୁନା ପଟ୍ଟନାୟକଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ସୂଚନା ଅନୁଯାୟୀ, ବାଲିପାଟଣା ଥାନା ଅଧୀନ ରାଜସ ଗ୍ରାମର ମିନତୀ ୨୦୧୨ ରେ ନିମାପଡ଼ା ଥାନା ଅଧୀନ ବାମନାଳ ଗ୍ରାମର ଦେବାଶିଷଙ୍କୁ ବିବାହ କରିଥିଲେ। ବିବାହ ସମୟରେ କନ୍ୟା ଘର ପକ୍ଷରୁ ଦାବି ମୁତାବକ ଯୌତୁକ ଦିଆଯାଇଥିଲା। ପ୍ରାୟ ୧ବର୍ଷ ପରେ ବାପଘରୁ ଅଧିକ ଟଙ୍କା ଆଣିବା ପାଇଁ ମିନତୀଙ୍କୁ ଶାଶୁଘର ଲୋକେ କହିଥିଲେ। ହେଲେ ମିନତୀ ଏଥିରେ ଅରାଜି ହେବାରୁ ଶାଶୁଘର ଲୋକେ ତାଙ୍କୁ ନିର୍ଯାତନା ଦେଉଥିଲେ। ରବିବାର ଦେବାଶିଷ ଯୌତୁକ ଦାବିରେ ମିନତୀଙ୍କୁ ମାଡ଼ ମାରିବା ସହ ହତ୍ୟା ଧମକ ଦେଇଥିଲେ ବୋଲି ପରେଶ ତାଙ୍କ ଅଭିଯୋଗ ଫର୍ଦ୍ଦରେ ଦର୍ଶାଇଛନ୍ତି। ଅପରପକ୍ଷେ ପାରିବାରିକ କଳହରୁ ସୋମବାର ସକାଳେ ମିନତୀ ରଶି ଲଗାଇ ଆତ୍ମହତ୍ୟା କରିଥିବା ଦେବାଶିଷ କହିଛନ୍ତି। ଖବରପାଇ ପୋଲିସ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ଚାରିଛକ ମେଡିକାଲକୁ ପଠାଇବା ସହ ଘଟଣାର ତଦନ୍ତ ଚଳାଇଛି।

■ ୪୦ ବୃଦ୍ଧାବୃଦ୍ଧଙ୍କୁ ୪ମାସ ହେଲା ମିଳିନି ଭତ୍ତା

# ବ୍ଲକ ସମ୍ମୁଖରେ ବସିଲେ ହିତାଧିକାରୀ

**ଗୋପ, ୨୪।୯(ଡି.ଏନ୍.ଏ.)**

ବୀରତୁଙ୍ଗ ଗ୍ରାମ ପଞ୍ଚାୟତର ୪୦ଜଣ ବୃଦ୍ଧାବୃଦ୍ଧଙ୍କୁ ଭତ୍ତା ଟଙ୍କା ୪ ମାସ ହେଲା ମିଳି ନ ଥିବାବେଳେ ସୋମବାର ହିତାଧିକାରୀମାନେ ବ୍ଲକ ସମ୍ମୁଖରେ ବସିଥିବା ଦେଖିବାକୁ ମିଳିଥିଲା। ଏହି ହିତାଧିକାରୀମାନଙ୍କର ଭତ୍ତା ଫାଇଲ୍ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରୁ ଗାଏବ୍ ହୋଇଯିବା ପରେ ଏପରି ସମସ୍ୟା ଉପୁଜିଛି। ପରେ ଗୋପ ବ୍ଲକ ବିଡିଓ ଦାୟିତ୍ୱରେ ଥିବା ରାମଚନ୍ଦ୍ର ସ୍ୱାଇଁ ହିତାଧିକାରୀଙ୍କୁ ବୁଝାସୁଝା କରିଥିବାବେଳେ ଖୁବ୍ ଶୀଘ୍ର ଭତ୍ତା ଟଙ୍କା ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।



ଭତ୍ତା ପାଉ ନ ଥିବା ହିତାଧିକାରୀମାନେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବସିଛନ୍ତି।

ଗୋପ ବ୍ଲକ ଅଧୀନ ବୀରତୁଙ୍ଗ ପଞ୍ଚାୟତର ପ୍ରାୟ ୪୦ରୁ ଊର୍ଦ୍ଧ୍ୱ ବୃଦ୍ଧାବୃଦ୍ଧଙ୍କ ଭତ୍ତା ବାବଦ ଟଙ୍କା ୪ମାସ ହେଲା ମିଳିପାରିନାହିଁ। ଏହି ଟଙ୍କାକୁ ହଡ଼ପ କରିବାକୁ ଉଦ୍ୟମ କରାଯାଉଥିବା ଗୋପ ବିଡିଓଙ୍କ ନିକଟରେ ଅଭିଯୋଗ ହୋଇଛି। ବୀରତୁଙ୍ଗ ପଞ୍ଚାୟତର ଗଡ଼କରମଳା, ନାହିଟୀ, କଣ୍ଟି, ସାଉରିଆ ଆଦି ଗ୍ରାମର ୪୦ରୁ ଊର୍ଦ୍ଧ୍ୱ ଲୋକେ ଦୀର୍ଘ ଦିନ ଧରି ଭତ୍ତା ପାଉଥିବାବେଳେ ଗତ ୪ମାସ ଧରି ସେମାନଙ୍କୁ ଏହି ଟଙ୍କା ମିଳି ନ ଥିବା ବୁଧବାର ଗଡ଼କରମଳା ଗ୍ରାମର ଅର୍ଜୁନ ବେହେରା, ନାହିଟୀ ଗ୍ରାମର ଅନାମ ଚରଣ ପ୍ରଧାନଙ୍କ ସମେତ ୪୦ରୁ ଊର୍ଦ୍ଧ୍ୱ ହିତାଧିକାରୀ ଗୋପ ବିଡିଓ ରାମଚନ୍ଦ୍ର ସ୍ୱାଇଁଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହି ଅଭିଯୋଗ ପାଇବା ପରେ ତଦନ୍ତ କରିବା ପାଇଁ ସଂପୃକ୍ତ ଗ୍ରାମ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ବ୍ଲକ କାର୍ଯ୍ୟାଳୟରେ ଭତ୍ତା ସମ୍ପର୍କିତ ସମସ୍ତ ନଥିପତ୍ର ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ଏ ନେଇ ବିଡିଓ ସ୍ୱାଇଁଙ୍କୁ ପଚାରିବାରେ ସେ କୁହନ୍ତି ପୁରୁଣା ରେକର୍ଡ଼କୁ ତର୍ଜମା କଲାପରେ ହିତାଧିକାରୀମାନଙ୍କୁ ତାଙ୍କର ପ୍ରାପ୍ୟ ଦିଆଯିବା ସହ ଅନିୟମିତତାରେ ସାମିଲ୍ ଥିବା ବ୍ଲକ କର୍ମଚାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯିବ।

■ କୁମାର କବି ଶ୍ରଦ୍ଧାଞ୍ଜଳି ସମାରୋହ

# ବିଭୂତି ପଟ୍ଟନାୟକ ପାଇଲେ କୁମାର କବି ସମ୍ମାନ

**ପୁରୀ ଅଫିସ, ୨୪।୯:**

ସଂସ୍କୃତି ଭବନରେ ସୋମବାର ଅନୁଷ୍ଠିତ ହୋଇଯାଇଛି ଅଷ୍ଟମ ରାଜ୍ୟସ୍ତରୀୟ କୁମାର କବିସମାରୋହ। କୁମାର କବିଫାଉଣ୍ଡେଶନ ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ସମାରୋହକୁ ରାଜ୍ୟ ସଭା ସଦସ୍ୟ ତଥା ପଦ୍ମବିଭୂଷଣ ରଘୁନାଥ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସେ ତାଙ୍କ ବକ୍ତବ୍ୟରେ କହିଥିଲେ, କୁମାର କବି ଥିଲେ ମାଟି ମଣିଷର କବି। ତାଙ୍କର କୃତି ଓ କୀର୍ତ୍ତିର ସଂରକ୍ଷଣ ନିମନ୍ତେ ସବୁସ୍ତରରେ ଉଦ୍ୟମ ହେବା ଦରକାର। ସଙ୍ଗଠନର ସଭାପତି ବସନ୍ତ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ଚାରଣ ରାମଦାସ କୁମାର କବି ସ୍ମାରକୀ ବକ୍ତୃତା ପ୍ରଦାନ କରିଥିଲେ। ଏଥିରେ କୁମାର କବିଙ୍କ ରଚିତ ଝଡ଼ର ଶେଫାଳି ପୁସ୍ତକ ଲୋକାର୍ପିତ ହୋଇଥିଲା। ଏହି ଅବସରରେ ଔପନ୍ୟାସିକ ବିଭୂତି ପଟ୍ଟନାୟକଙ୍କୁ କୁମାର କବି ସମ୍ମାନ, ସଙ୍ଗୀତଜ୍ଞ ତଥା କଣ୍ଠଶିଳ୍ପୀ ପ୍ରଣବ କିଶୋର ପଟ୍ଟନାୟକଙ୍କୁ ଉତ୍କଳ ସଙ୍ଗୀତ ରତ୍ନ ସମ୍ମାନ, ଖବରଦାତା ରବି ଦାସଙ୍କୁ ଉତ୍କଳ ସମ୍ବାଦରତ୍ନ ସମ୍ମାନ, କବି ତଥା ପ୍ରଶାସକ ମଧୁସୂଦନ ଦାସଙ୍କୁ ଉତ୍କଳ କବିରତ୍ନ ସମ୍ମାନ, ପ୍ରବଚକ ତଥା ସଂସ୍କୃତି ଗବେଷକ ସୂର୍ଯ୍ୟନାରାୟଣ ରଥଶର୍ମାଙ୍କୁ ଉତ୍କଳ ବାଗ୍ମୀ ରତ୍ନ ସମ୍ମାନ, ଉଦ୍ୟୋଗପତି ରାଘବ ପ୍ରଧାନଙ୍କୁ ଉତ୍କଳ ବାଣିଜ୍ୟ ରତ୍ନ ସମ୍ମାନ, ବାଦ୍ୟକଳା ଶିଳ୍ପୀ ପଞ୍ଚାନନ ମେହେରଙ୍କୁ ବୟନ କଳା ରତ୍ନ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏତଦ୍‌ବ୍ୟତୀତ ଅରକ୍ଷିତ ସ୍ୱାଇଁଙ୍କୁ ଉତ୍କଳ ଗୁରୁ ରତ୍ନ ସମ୍ମାନ, ପ୍ରଫେସର ଡ. ସୁହାସିନୀ ମହାପାତ୍ର, ରାଜ୍ୟ ଶିଶୁ ସୁରକ୍ଷା ଅଧିକାର ସୁରକ୍ଷା ଆୟୋଗ ଅଧ୍ୟକ୍ଷା ସନ୍ଧ୍ୟାବତୀ ପ୍ରଧାନ, ରାଜ୍ୟ ଫିଲ୍ମ ସେନ୍ସର ବୋର୍ଡର ମୁଖ୍ୟ ଗୋପାଳ କୃଷ୍ଣ ମହାପାତ୍ରଙ୍କୁ କୁମାର କବି ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେହିପରି କୃଷକ ବିଦ୍ୟାପୀଠକୁ ପରିବେଶ ସାଥୀ ଓ ସଦ୍‌ଭାବନା ଅନୁଷ୍ଠାନକୁ ଉତ୍କଳ ସେବା ନିଧି ପୁରସ୍କାର ପ୍ରଦାନ କରାଯାଇଥିଲା। ଫାଉଣ୍ଡେଶନର ସମ୍ପାଦକ ଦିଗମ୍ବର ବେହେରା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଧନ୍ୟବାଦ ଦେଇଥିଲେ କବି ଦାମୋଦର। କାର୍ଯ୍ୟକ୍ରମକୁ କୁମାର କବିଙ୍କ ପୁତ୍ର ଆଲୋକ କୁମାର ପ୍ରଧାନଙ୍କ ସମେତ ଗୁଣନିଧି ବରାଳ, ସୁଶାନ୍ତ ପ୍ରଧାନ, ପର୍ଶୁରାମ ସାସମଲ, ଆଶିଷ ଖଟୁଆ, ଶ୍ରୀମନ୍ତ ପଲାଇ, ପ୍ରକାଶ ମହାନ୍ତି, ଦିଲୀପ ଶ୍ରୀଚନ୍ଦନ ପ୍ରମୁଖ ପରିଚାଳନା କରିଥିଲେ।



ଅତିଥିମାନେ ବିଭୂତି ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍ଫି ଉଠାଇ metroselfie@gmail.com ରେ ଆମର ସେଲ୍ଫି କର୍ନରକୁ ପଠାନ୍ତୁ। ଏହାସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।



## ସେଲ୍ଫି କର୍ଣ୍ଣର



@ ଅଶୋକ



@ ଆଶୁ



@ ବିଦ୍ୟୁତ୍



@ ସୌମ୍ୟା



@ ସୁଦର୍ଶନ



@ ସ୍ୱପ୍ନା

ସେଲ୍ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | metroselfie@gmail.com (ନିର୍ବାଚିତ ସେଲ୍ଫି ପ୍ରକାଶ ପାଇବ)